ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆସ୍ୱାସ

୫ ଜୁନ୍ ୨୦୧୬ ସଂସ୍କରଣ




ମନ୍ତ୍ର ମହାତ୍ମ୍ୟ

ଶାଗୁଣା

ଉପସଂହାର

ପେନ୍‌ସନ୍

ଠିକଣା

ଘର ବାହୁଡ଼ା ବେଳ

ଓଡ଼ିଆ ସିନେମା ଓ ମୁଁ

ବିଶ୍ୱାସ

ଖୋଲଦିଅ ଝରକା

ଗୁଳଆ ଦୋକାନ ଘର


## ପ୍ରକୃତରେ ରସଗୋଲା କାହାର

www.aahwaan.com

# ଆହ୍ୱାନ

ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡ଼ି,ଏମ୍.ସି.ଏଚ୍, ପି.ଜି.ଡ଼ି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ୍ : ୯୦୪୦୯୮୫୪୬୩ ଇ-ମେଲ୍ : aahwaan@gmail.com

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳ ଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତ ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଗ୍ଭହିଁଲେ ନିଜ ଲେଖାର ପ୍ରଗ୍ଭର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

# ସମ୍ପାଦକୀୟ



ଓଡ଼ିଶା ଏକ ବିଶାଳ ରାଜ୍ୟ । ଏହାର ଚତୁର୍ପାର୍ଶ୍ୱରେ ଅନେକ ରାଜ୍ୟ ରହିଛି, ଯେଉଁଠି ଭିନ୍ନ ଭିନ୍ନ ଭାଷା କୁହାଯାଏ । ସେହି ସବୁ ଭାଷାର ପ୍ରଭାବ ନିଶ୍ଚିତ ଭାବରେ ଆମ ଭାଷା ଉପରେ ପଡ଼ିଛି । ଦକ୍ଷିଣରେ ଗଞ୍ଜାମ ଓ ଗଜପତି ଜିଲ୍ଲା, ସମେତ କୋରାପୁଟ, ଜୟପୁର, ମାଲକାନଗିରି, ମାଥିଲି ଆଦି ଅଞ୍ଚଳ ସଂଲଗ୍ନ ଆନ୍ଧ୍ରପ୍ରଦେଶରୁ ତେଲୁଗୁ ଶବ୍ଦାବଳୀକୁ ଓଡ଼ିଆରେ ସମ୍ମିଳିତ କରି କୁହାଯିବାର ଦୃଷ୍ଟାନ୍ତ ରହିଛି । ସେହିଭଳି ଉତ୍ତରରେ ବାଲେଶ୍ୱରରେ ବଙ୍ଗାଳୀ ଭାଷାର ପ୍ରଭାବ ଦେଖିବାକୁ ମିଳେ । କିଛି ସମ୍ଭ୍ରାନ୍ତ ପରିବାରରେ ବଙ୍ଗାଳୀ ପରିବାରଙ୍କ ସହ ବନ୍ଧୁତା ଏବଂ ବିବାହ ବନ୍ଧନ ହେତୁ ସ୍ଥାନେ ସ୍ଥାନେ ବଙ୍ଗାଳୀ ଭାଷାର ବ୍ୟବହାର ଦେଖିବାକୁ ମିଳିଥାଏ ।

ସର୍ବୋପରି ପ୍ରାନ୍ତୀୟ ବିଭିନ୍ନତା ଭିତରେ ଓଡ଼ିଆ ଭାଷା ନିଜର ସ୍ଥିତି ବଜାୟ ରଖିବା ନିଶ୍ଚୟ ଭାବରେ ଆମ ଭାଷାପ୍ରତି ଥିବା ଆମ ନିଷ୍ଠା ଓ ସମ୍ମାନକୁ ସୂଚାଏ । ଯେଉଁମାନେ ଭାବନ୍ତି ଓଡ଼ିଆ ଭାଷା ତାହାର ସ୍ଥିତି ହରାଇ ବସିଲାଣି, ହୁଏତ ସେମାନେ କହିବାକୁ ଚାହାନ୍ତି ଯେ ଆମ ଭାଷା ନିଜର ମୌଳିକତାକୁ ହରେଇ ବସିଛି । ଭିନ୍ନ ଭିନ୍ନ ଭାଷାର ସମ୍ମିଶ୍ରଣରେ ଓଡ଼ିଆ ଭାଷାକୋଷ ବରଂ ସମୃଦ୍ଧ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ସେ ଯା ହେଉ, ଓଡ଼ିଆ ଭାଷା ପ୍ରତି ସମସ୍ତଙ୍କର

ଆଦର ଓ ସମ୍ମାନ ରହିଛି । ବିଚ୍ଛିନ୍ନାଞ୍ଚଳରେ ହେଉ ଅବା ବିଦେଶରେ (ଓଡ଼ିଶା ବାହାରେ) କିଛି ଓଡ଼ିଆ ନିଜର ପରିଚୟକୁ ଅଣଦେଖା କରି ଓଡ଼ିଆକୁ ସମ୍ପୂର୍ଣ୍ଣ ଭାବରେ ଭୁଲିଯାଉଛନ୍ତି ବୋଲି ଅଭିଯୋଗ ଆସିଛି, ଆମେ ବି ଏହିପରି ଅନେକ ଉଦାହରଣ ଦେଇଛୁ । କିନ୍ତୁ ତାହା ହୁଏତ ସ୍ଥିତିର ସମ୍ପୂର୍ଣ୍ଣ ବା ଶତପ୍ରତିଶତ ସତ୍ୟ ଛବି ନ ହୋଇପାରେ । ସ୍ଥାନର ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ଆମେ ସ୍ଥଳବିଶେଷରେ ହିନ୍ଦୀ, ବଙ୍ଗାଳୀ, ତେଲୁଗୁ ଆଦି ଭାଷାର ବ୍ୟବହାର କରୁ । କାରଣ ଯେତେବେଳେ କେବଳ ଓଡ଼ିଆରେ କଥା କହିବାଦ୍ୱାରା ଆମର କହିବାର ସମ୍ପୂର୍ଣ୍ଣ ଅର୍ଥ ଅନ୍ୟବ୍ୟକ୍ତି ପାଖରେ ପ୍ରକାଶ୍ୟ ହୋଇପାରେ ନାହିଁ, ସେତେବେଳେ ଆମେ ଅନ୍ୟ ଭାଷାରେ ହେଉ ଅବା ଇଂରେଜୀ ଭାଷାରେ ହେଉ କଥା କହିଥାଉ । ଓଡ଼ିଶା ବାହାରେ ରହୁଥିବା ଅନେକ ଦମ୍ପତ୍ତିଙ୍କ ସନ୍ତାନମାନେ ସେହି ଅଞ୍ଚଳର ବିଦ୍ୟାଳୟମାନଙ୍କରେ ପଢୁଥିବା ହେତୁ ସେମାନେ ସେହି ଅଞ୍ଚଳରେ ବ୍ୟବହୃତ ଶବ୍ଦ ଓ ଭାଷାକୁ ଆପଣେଇ ନିଅନ୍ତି । ଅବଶ୍ୟ ଘରେ ଓଡ଼ିଆର ବ୍ୟବହାର ମୁଖ୍ୟ ରହିଥିଲେ ଏହା କୌଣସି ଅସୁବିଧା ସୃଷ୍ଟି କରିପାରିବ ନାହିଁ । କିନ୍ତୁ ବିଦେଶରେ ରହୁଥିବା ଓଡ଼ିଆଙ୍କ ପିଲାମାନେ କେବଳ ଇଂରେଜୀ ଭାଷାରେ ହିଁ କଥା ହୁଅନ୍ତି, ତାହା ସେମାନଙ୍କ ବିଦ୍ୟାଅଧ୍ୟୟନ ହେତୁ ଜରୁରୀ ହୋଇପଡ଼େ ଏବଂ ଘରେ ପିତାମାତା ପିଲାର ବିଦ୍ୟା ଗ୍ରହଣକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ତା ସହ ଅଧିକ ସମୟ ଇଂରେଜୀରେ କଥା ହେବା ହେତୁ ସେମାନେ ଓଡ଼ିଆରେ କଥାବାର୍ତ୍ତା ଆଦୌ କରିପାରନ୍ତି ନାହିଁ କିମ୍ବା ଭୁଲଭାବରେ କରନ୍ତି । ଏହି ସବୁ ସ୍ଥଳେ ଆମେ ପିତାମାତାଙ୍କୁ ସମ୍ପୂର୍ଣ୍ଣ ଦୋଷୀ ବୋଲି କହିପାରିବା ନାହିଁ ।

ନିଜ ରାଜ୍ୟ ବାହାରେ ଭେଟହେଲେ ବଙ୍ଗାଳୀ ହୁଅନ୍ତୁ ଅବା ତେଲୁଗୁ କିମ୍ବା ତାମିଲ ଲୋକମାନେ ନିଜ ମାତୃଭାଷାରେ ଭାବ ବିନିମୟ କରିବାକୁ ଭଲପାଆନ୍ତି, ଯାହା କିଛି ଓଡ଼ିଆଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦିଏ, ସେଇଥିପାଇଁ ମନକୁ ଦୁଃଖ ଲାଗେ । କିନ୍ତୁ ଯେଉଁମାନେ ଓଡ଼ିଶା ବାହାରେ ରହିଲେ ଏବଂ ଯେଉଁମାନେ ନିଜ ଭବିଷ୍ୟ କେବଳ ଓଡ଼ିଶା ବାହାରେ ବୋଲି

ଧରନେଲେ ସେମାନେ ଓଡ଼ିଆରେ କଥାବାର୍ତ୍ତା କରିବାକୁ ଏତେ ଯତ୍ନବାନ ହେଲେ ନାହିଁ, କିମ୍ବା ସେମାନେ ଓଡ଼ିଆ ଭାଷାର ବ୍ୟବହାରକୁ ପ୍ରାଧାନ୍ୟ ଦେଲେ ନାହିଁ । ଅନେକ ଓଡ଼ିଆ ପରିବାର ବାଙ୍ଗାଲୋର, ପୁନେ, ଦିଲ୍ଲୀରେ ରହିଲେଣି । ଏହା ବ୍ୟତୀତ ଲକ୍ଷାଧିକ ଓଡ଼ିଆ ଆମେରିକା, ଲଣ୍ଡନ, ଆଦି ଦେଶମାନଙ୍କରେ ରହିଲେଣି । ସେମାନେ ପୁଣି କେବେ ଓଡ଼ିଶା ଫେରିବେ କି ନା, ତାହା ସେମାନେ ଜାଣିନାହାନ୍ତି । ତେଣୁ ସେମାନେ ଓଡ଼ିଆରେ କଥାବାର୍ତ୍ତାକୁ ଏତେ ପ୍ରାଧାନ୍ୟ ଦେଉନାହାନ୍ତି । ଅବଶ୍ୟ ଅନେକ ଓଡ଼ିଆ ବିଦେଶରେ ଅନେକ ଦଶନ୍ଧି ଧରି ରହିବା ସତ୍ତ୍ୱେ ଓଡ଼ିଆ ଚାଲିଚଳନ ଓ ଭାଷାକୁ ଭୁଲି ନ ଯିବାପାଇଁ କେବଳ ଓଡ଼ିଆ ପ୍ରାଧାନ୍ୟ ଅନେକ ପର୍ବପର୍ବାଣୀ ଆୟୋଜିତ କରୁଛନ୍ତି, ବିଦେଶରେ ମଧ୍ୟ ଓଡ଼ିଆ ସାହିତ୍ୟ ପତ୍ରିକାର ପ୍ରକାଶନ ହେଉଛି । ଓଡ଼ିଶା ବିଷୟରେ ବିଭିନ୍ନ ଖବର ଓଡ଼ିଆ ଖବର ପ୍ରସାରଣକାରୀ ୱେବସାଇଟ୍‌ରୁ ପଢୁଛନ୍ତି । ଓଡ଼ିଆ ଇ-ପତ୍ରିକାର ଆଦର କାହିଁ କେତେ । ଅନେକ ଓଡ଼ିଆରେ ବହୁତ ସୁନ୍ଦର ସୁନ୍ଦର ଲେଖାଲେଖି ଅନେକ ଓଡ଼ିଆ ପତ୍ରପତ୍ରିକାରେ ପ୍ରକାଶିତ କରୁଛନ୍ତି ।

ଏ ତ ଗଲା, ବିଦେଶୀ ଓଡ଼ିଆଙ୍କ କଥା ବର୍ତ୍ତମାନ କଥା ଉଠୁଛି ଯେଉଁମାନେ ଓଡ଼ିଶା ଭିତରେ ରହୁଛନ୍ତି ସେମାନେ ଓଡ଼ିଆ ଭାଷାପ୍ରତି କେଉଁପ୍ରକାର ଧାରଣା ମନରେ ରଖୁଛନ୍ତି । ଭାଷାର ପ୍ରଚାର ଓ ପ୍ରସାରର ମୁଖ୍ୟ ବାର୍ତ୍ତାବହ ହେଉଛି ପୁସ୍ତକ ଓ ଗଣ ମାଧ୍ୟମ । ଖବର କାଗଜ ହେଉ ବା ରେଡ଼ିଓ କିମ୍ବା ଟେଲିଭିଜନ ହେଉ । ଆଜିକାଲି ଯେକୌଣସି ଖବର କାଗଜକୁ ଦେଖିଲେ ଶହ ଶହ ସଂଖ୍ୟାରେ ବନାନତ୍ରୁଟି, ବ୍ୟାକରଣଗତ ତ୍ରୁଟି ଏବଂ ଭୁଲ ସବୁ ଦେଖାଯାଉଛି । ଅବଶ୍ୟ ଏ ସବୁକୁ ମୁଦ୍ରଣ ବେଳର ତ୍ରୁଟି ବା କ୍ଷିପ୍ରବେଗରେ ଖବର ପରିବେଷଣ ହେତୁ ଖବରକୁ ତ୍ରୁଟିହୀନ କରିବାର ସମୟ ଅଭାବ ବୋଲି ଧରିନିଆ ଯାଇପାରେ । ଅବଶ୍ୟ କିଛି ଖବରକାଗଜ ଭାଷାକୁ ସରଳ କରିବାପାଇଁ କଦର୍ଯ୍ୟ କରିଦେବାରେ ମଧ୍ୟ ପଛଘୁଞ୍ଚା ଦେଇନାହାନ୍ତି । ରେଡ଼ିଓ ଓ ଟେଲିଭିଜନରେ ପ୍ରସାରିତ ହେଉଥିବା ଓଡ଼ିଆ କାର୍ଯ୍ୟକ୍ରମମାନଙ୍କ

ବଷୟରେ ନ କହବା ଭଲ । ଉଦଘୋଷିକାମାନେ ଯେ କଣ ଭାଷା ବ୍ୟବହାର କରୁଛନ୍ତି, ସେଥିରେ ଓଡ଼ିଆର ମାତ୍ରା କେତେ ଆଉ ଇଂରେଜୀ ଓ ହନ୍ଦୀର ମାତ୍ରା କେତେ ତାହା ପରୀକ୍ଷାଯୋଗ୍ୟ ।

ଓଡ଼ିଆ ଭାଷାର ଭୂମି ଓଡ଼ିଶାରେ ଯଦ ଆମେ ଓଡ଼ିଆକୁ ସଠିକ ଭାବରେ କହବା ଓ ଲେଖିବା ନାହିଁ, ତା ହେଲେ ଯେଉଁମାନେ ବାହାରେ ରହଲେ ସେମାନେ ଓଡ଼ିଆରେ କହଲେ କ ନ କହଲେ ସେ ବଷୟରେ ଚର୍ଚ୍ଚା କରବାର ଅଧିକାର ଆମର ନାହିଁ ବୋଲ ମୁଁ ବ୍ୟକ୍ତିଗତ ଭାବରେ ମନେକରେ । ଯଦ ମୁଁ ନଜେ ଓଡ଼ିଆରେ ଭଲଭାବରେ ଦୁଇପଦ କହପାରେନ ବା ଲେଖିପାରେନ ତା ହେଲେ ଆମ ମୁଖ୍ୟମନ୍ତ୍ରୀ ଓଡ଼ିଆରେ ପଢ଼ିଲେନ ଓ ଲେଖିଲେନ କହ ବଷୋଦଗାର୍ କରବାର ଅଧିକାର ମୋର ନାହିଁ । ଆମେ ନଜ ହୃଦୟ ଉପରେ ହାତ ରଖି କହପାରବା କ ଆମେ ଓଡ଼ିଆ ବୋଲ ? ସଭା ସମିତରେ ଭାଷଣ ଦେଉଥିବା ବେଳେ ଆମେ କେତେ ଓଡ଼ିଆ ବ୍ୟବହାର କରୁଛୁ ? ସାଙ୍ଗସାଥୀଙ୍କ ମେଳରେ ଥିବା ବେଳେ, ବଜାରରେ ସଉଦା କରୁଥିବା ବେଳେ କମ୍ବା ରେସ୍ତୋରାଂରେ ଖାଉଥିବା ବେଳେ ଆମେ କେତେ ଓଡ଼ିଆ ବ୍ୟବହାର କରୁ ? ଆମ ବ୍ୟବସାୟ ଅନୁଷ୍ଠାନର ଫଳକରେ ଓଡ଼ିଆରେ ଲେଖୁଛୁ କ ?

ସମୟ ଆସିଛି ଆତ୍ମଚନ୍ତନ କରବାପାଇଁ । ପ୍ରାନ୍ତୀୟ ଭାଷାକୁ ନେଇ ଆମେ ଗର୍ବିତ କରବା ସତ ହେଲେ ଓଡ଼ିଆ ବୋଲ ଆମେ ଭୁଲଯିବା ଅନୁଚତ । ଭାଷା ବଭିନ୍ନତାକୁ ନେଇ ପରସ୍ପର ସହ ଲଢ଼େଇ ନ କର ବରଂ ଆମେ ସମସ୍ତେ ମିଳମିଶି କେମିତ ଆମ ଭାଷାକୁ ଉନ୍ନତ କରବା ସେ ବଷୟରେ ଚନ୍ତା କରବା ସମୟ ଆସିଛି । ଖାଲ କଛି ସାହତ୍ୟକ ଓ ରାଜନୈତକ ବ୍ୟକ୍ତି ମିଶି ଆମ ଭାଷାର ସମ୍ମାନ ବଢ଼ାଇଦେବେ ବୋଲ ଭାବବା ଆମ ମୂର୍ଖତା । ଏହ ଭାଷା ସମସ୍ତ ଓଡ଼ିଶାବାସୀଙ୍କର, ଏଥିପାଇଁ ସମସ୍ତେ ଏକତ୍ରିତ ଭାବରେ କାମ କରବାକୁ ପଡ଼ିବ । ଆମେ ନଜେ ସଜାଗ ହେଲେ ଆମ ଭାଷା ନଶ୍ଚୟ ସମୃଦ୍ଧ ହେବ । ଏଥିପାଇଁ ଆମକୁ ଅନେକ ପଦକ୍ଷେପ

ନେବାକୁ ପଡ଼ିବ, ସେଥିମଧ୍ୟରୁ କିଛି ପଦକ୍ଷେପ ଯାହା ମୋ ମତରେ ଆମ ଭାଷାକୁ ସମ୍ମାନ ଆଣିଦେଇପାରେ, ଯଥା:

୧. କଥାବାର୍ତ୍ତା ବେଳେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ।

୨. ଘରେ ସାନ ପିଲାମାନଙ୍କୁ ଓଡ଼ିଆରେ କଥା କହିବା ଶିଖାଇବା ।

୩. ରାଜ୍ୟର ସମସ୍ତ ଅନୁଷ୍ଠାନ ନିଜର ଫଳକପତ୍ର / ନାମଫଳକ ଓଡ଼ିଆରେ ନିଶ୍ଚୟ ଲେଖନ୍ତୁ ।

୪. ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆର ବ୍ୟବହାରକୁ ବାଧ୍ୟତାମୂଳକ କରିବା ।

୫. ଓଡ଼ିଆ ଭାଷାକୁ ବିକୃତ କରି ପରିବେଷଣ କରାଯାଉଥିବା ଗଣମାଧ୍ୟମଙ୍କୁ ଦଣ୍ଡିତ କରିବା ।

୬. ସମସ୍ତଙ୍କ ପାଇଁ ଓଡ଼ିଆ ବାଧ୍ୟତାମୂଳକ ବିଷୟ ବୋଲି ବିଦ୍ୟାଳୟସ୍ତରରୁ ହିଁ ଘୋଷଣା କରିବା ।

୭. ରାଜ୍ୟ ସଡ଼କପଥରେ ଥିବା ସମସ୍ତ ନାମଫଳକରେ ଓଡ଼ିଆରେ ମଧ୍ୟ ଲେଖିବା ।

ଏହିପରି ଆହୁରି ଅନେକ ପଦକ୍ଷେପ ନିଆଯାଇପାରେ । ସେହି ବିଷୟରେ ଆପଣମାନେ ଚିନ୍ତା କରି ଜଣାନ୍ତୁ । କେବଳ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇ ଓଡ଼ିଆର ଉନ୍ନତି କରିହେବ ବୋଲି ଭାବିଲେ ହୁଏତ ପୁଣିଥରେ ଭାଷା ସଂରକ୍ଷଣ ଆନ୍ଦୋଳନ କରିବାକୁ ପଡ଼ିବ ।

ଆଶା କରୁଛି ଚଳିତ ମାସର ଆହ୍ୱାନ ଆପଣଙ୍କୁ ଆମୋଦିତ କରିବ ଏବଂ ପୂର୍ବପରି ଆପଣମାନେ ଏହାକୁ ସହାୟତାର ହାତ ବଢ଼ାଇଥିବେ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ

# ଏହି ସଂସ୍କରଣରେ ଅଛି...


| | | | |
|---|---|---|---|
| ସମ୍ପାଦକୀୟ | ୪ | ଭଗିରଥୀ ବେହେରା | |
| ସମ୍ପାଦକଙ୍କୁ ପତ୍ର | ୧୧ | ଗୁଳିଆ ଦୋକାନ ବର | ୩୪ |
| ଆଷାଢ଼ର ପ୍ରଥମ ସକାଳ | ୧୩ | ଡା ସୌମ୍ୟରଞ୍ଜନ ମିଶ୍ର | |
| ବିନୟ ମହାପାତ୍ର | | ଭୃଣର ସ୍ୱର | ୩୬ |
| ଘର ବାହୁଡ଼ାର ବେଳ | ୧୬ | ସୁଲୋଚନା ପଟ୍ଟନାୟକ | |
| ବିନୟ ମହାପାତ୍ର | | କବିତା ସୁନ୍ଦରୀ | ୪୦ |
| ମୁଁ ଆଉ ଓଡ଼ିଆ ସିନେମା | ୧୮ | ଲକ୍ଷ୍ମୀଧର ମହାରଣା | |
| ସ୍ୱରୂପ କୁମାର ମଲ୍ଲ | | ମୃତ୍ୟୁ ନୁହେଁ ରହସ୍ୟ | ୪୧ |
| ଗାଇକୁ ମାଇଲେ ମଲି, ଗାଇ ମାଇଲେ ମଲି | ୧୯ | ନରେଶ କୁମାର ବେହେରା | |
| ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | | ଦର୍ପଣ | ୪୩ |
| ମନ୍ତ୍ର ମହାତ୍ମ୍ୟ | ୨୩ | ସୁଶାନ୍ତ ପୁରୋହିତ | |
| ପ୍ରତିଭା ପ୍ରିୟଦର୍ଶିନୀ | | ଜୀବନ ଯାତନା | ୪୪ |
| ସାଥିବିନା | ୨୬ | ସାଗରିକା ବିଶ୍ୱାଳ | |
| ଜ୍ୟୋତି କିଶୋର ମହନ୍ତ | | ସିନ୍ଦୁର | ୪୫ |
| ବିଶ୍ୱାସ | ୨୮ | କମଳାକାନ୍ତ ସୁବୁଦ୍ଧି | |
| ଦୀପକ ଷଡ଼ଙ୍ଗୀ | | ଘୃଣା | ୪୬ |
| ମା'ର ମମତା | ୩୦ | ରୋହିତ୍ ନାଗେଶ | |
| ଜ୍ୟୋତିର୍ମୟୀ ଷଡ଼ଙ୍ଗୀ | | କେମିତି ଅଛ ପାରିବ କି ତୁମେ କହି | ୪୬ |
| ବିଡ଼ମ୍ବିତ ଭାଗ୍ୟ | ୩୧ | ରୋହିତ୍ ନାଗେଶ | |
| ଜୟନ୍ତୀ ବେହେରା | | ଗାଉଁଲି ବାପାକୁ ସହରୀ ପୁଅର ଚିଠି | ୪୯ |
| ଖୋଲିଦିଅ ଝରକା | ୩୩ | ପ୍ରଶାନ୍ତ କୁମାର ନାଥ | |

# ଏହି ସଂସ୍କରଣରେ ଅଛି...

ପଲିଟିକାଲ୍ ପ୍ରେମିକା ପ୍ରତି ୫୧
ଡ: କୁଳାଙ୍ଗାର

ଦୁଇଟି ଅଣୁ ଗଳ୍ପ ୫୪
ମଧୁମିତା ମହାନ୍ତି (ମିତୁ)

ଓଡ଼ିଆଘରର ପାଇକ ପୁଅ ୫୬
ଅନାମ ଚରଣ ସାହୁ

ସାବିତ୍ରୀ ୫୭
ମାଧବ ଚନ୍ଦ୍ର ଜେନା

ଦୁଇଟି କ୍ଷୁଦ୍ର ଗଳ୍ପ ୫୮
ଅରବିନ୍ଦ ଦାସ

ପଞ୍ଚାଙ୍ଗୀର ଐତିହାସିକ ମନ୍ଦିର ୬୨
ଲିଙ୍ଗରାଜ ପ୍ରସାଦ ଅମୂଲ୍ୟ ପଟ୍ଟନାୟକ

କଙ୍କାଳ ୬୫
ରବୀନ୍ଦ୍ର ପାଣିଗ୍ରାହୀ

ପ୍ରକୃତରେ ରସଗୋଲା କାହାର ? ୬୭
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ତୁମେ ୭୧
ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ

ଅଭିନନ୍ଦନ ବାର୍ତ୍ତା ୭୩

# ସମ୍ପାଦକଙ୍କୁ ପତ୍ର



ସମ୍ମାନୀୟ ସମ୍ପାଦକ ମହାଶୟ,

ବଡ଼ ଖୁସି ଲାଗିଲା ଆପଣଙ୍କର ଏହି ଅନଲାଇନ ପତ୍ରିକାଟି ପଢ଼ି । ଓଡ଼ିଶା ଛାଡ଼ିବା ପରେ ବିଗତ ତିରିଶ ବର୍ଷ ଭିତରେ ଓଡ଼ିଆ ସାହିତ୍ୟ ପଢ଼ିବା ସାତ ସପନ ପରି ହୋଇ ଯାଇଥିଲା । ପେଟ ଚିନ୍ତା ଏତେ ପ୍ରବଳ ଥିଲା ଯେ ପାଠ ଚିନ୍ତା ମନର କେଉଁ କଣରେ ଲୁଚି ରହିଗଲା ଯେମିତି ସ୍କୁଲଯିବା ଡରରେ ପାଠଚୋର ପିଲା ଘରର କେଉଁ କୋଣରେ ଲୁଚି ଯାଏ ।

ଧନ୍ୟବାଦ ମୋବାଇଲ ଆପ୍ସ, ଇଣ୍ଟରନେଟ୍, ଆଉ ଓଡ଼ିଆ କି ବୋର୍ଡ଼ କୁ । ମନ ଭିତରେ ଲୁଚି ଯାଇଥିବା ଓଡ଼ିଆ ପୁଅଟି ହଠାତ ବାହାରକୁ ଆସି ଚିଲେଇ ଚିଲେଇ କହୁଛି ମୁଁ ଏଇଠି ଅଛି ।

ହଜି ଯାଇଥିବା ଏଇ ଓଡ଼ିଆ ପୁଅଟି ତାର ଗେଗଣା କବି ମନଟିର କଥାମାନ କଲମ ନୁହେଁ ମୋବାଇଲ କି ବୋର୍ଡ଼ରେ ଆଙ୍ଗୁଠି ଚଲାଇବା ଆରମ୍ଭ କରିଛି ।

କବିତାଟିଏ ପଠାଇଲି । ଭଲ ଲାଗିଲେ ଆପଣଙ୍କର ପତ୍ରିକାରେ ଜାଗାଟିକେ ଦେବେ ।

ଭଲ ନ ଲାଗିଲେ ଜଣାଇବେ, ପୁଣିଥରେ ଚେଷ୍ଟା କରିବା କିଛି ଭଲ ଲେଖିବାକୁ ।

ଧନ୍ୟବାଦ

ବିନୟ ମହାପାତ୍ର, ନୂଆ ଦିଲ୍ଲୀ

# ସମ୍ପାଦକଙ୍କୁ ପତ୍ର



ମହାଶୟ,

ପ୍ରଥମେ ପ୍ରଣାମ ଜଣାଇ ସଂପର୍କ ଗଢ଼ି ଦେଉଛି ଏଇ ଚିଠିରେ । 'ଆହ୍ୱାନ' ସହ ନେଟ୍ ଜରିଆରେ ଯୁକ୍ତ ହୋଇ ଜାଣିବାର ସୁଯୋଗ ପାଇଛି । ଓଡ଼ିଆଭାଷାର ସ୍ୱାଭିମାନ ଏବଂ ଭିନ୍ନ ସ୍ୱାଦର ପତ୍ରିକା ପ୍ରକାଶନର ଉଦ୍ୟମ ପ୍ରଶଂସା ହିଁ ଦାବୀକରେ ।

ଛାତ୍ର ସମୟରୁ ବ୍ରହ୍ମପୁର ଏବଂ ଭଞ୍ଜବହାର ( ବ୍ରହ୍ମପୁର ବଶ୍ୱବଦ୍ୟାଳୟ) ସହତ ମଧୁର ସମ୍ପର୍କ । ଭଞ୍ଜବହାରର ସବୁଜ ପରସର ମୋ ସାରସ୍ୱତ ଚେତନାକୁ ଅନେକ ବେଶୀ ଆପ୍ଲୁତ କରଛି । କବ ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମରେ ଏଇ 'ବହାର କବତାର ତୀର୍ଥ । 'ଆହ୍ୱାନ'ର ଆହ୍ୱାନରେ ପୁଣିଥରେ ରୋମାଞ୍ଚିତ ସମ୍ପର୍କ ।

ଧନ୍ୟବାଦ ସହ

ଇତ

ବରୁଣ କୁମାର ଦାସ

ଏମ୍.ଏ, ଏମ୍.ଫିଲ୍

ରାମ ନଗର କଲେଜ

ପୂର୍ବ ମେଦନପୂର, ପଶ୍ଚିମବଙ୍ଗ - ୭୨୧୪୨୩

ଦୂରଭାଷ : ୯୯୩୨୯୨୪୬୬୧

ଇମେଲ୍ - barunkumardas1@gmail.com

# ଆଷାଢ଼ର ପ୍ରଥମ ସକାଳ



ବିନୟ ମହାପାତ୍ର

ଆଷାଢ଼ର ଏଇ ପ୍ରଥମ ସକାଳେ
ଘନ ନୀଳ ଆକାଶରେ
କଳା କଳା ବାଦଲର ଫଉଜ,
ବିଜୁଳିର ରୋଷଣୀ ଜଳାଇ,
ରଣ ଦୁନ୍ଦୁଭିର ଗର୍ଜନ କରି
ଇନ୍ଦ୍ର ସେନା କେଉଁ ଗଡ଼ ଜିତିବାକୁ
ରଣ ହୁଙ୍କାର ଦେଇ ଚାଲିଛି କେଜାଣି।

କାହିଁକି କେଜାଣି
ଏଇ ବାଦଲକୁ ଦେଖି
ମୋ ମନେ କାଳିଦାସଙ୍କ
ଭାବନା ଜାଗିଲାନି
ସେ ଆଷାଢ଼ର ପ୍ରଥମ ସକାଳ ଆଉ
ଆଜି ଆଷାଢ଼ର ପ୍ରଥମ ସକାଳ
ହେଲେ ଏତେ ଫରକ କାହିଁକି ?

ସେ ଦିନର ଦରଦୀ ମେଘ ଦୂତ
ଆଜି କାହିଁକି ଉଦଣ୍ଡ
ସେନା ପରି ଲାଗେ ।
କାହାର ଅତ୍ୟାଚାରର
ପ୍ରତିଶୋଧ ନେବାକୁ ଆସିଛି ।
ସେ ଦିନର ମେଘ
ଦୁଃଖ ବିନାଶକ ଥିଲା

ମନେ ହୁଏ ଆଜ ମେଘ
ଦୁଃଖ ଦେବାକୁ ଆସିଛ ।

ସେ ଦିନ ମେଘର କୋମଳ ହୃଦୟ
ଦୟା, କରୁଣା, ସ୍ନେହର ଜଳ ଭରିଥିଲା
ପ୍ରେମିକର ବିରହ
ଗ୍ରୀଷ୍ମ ଦଗ୍‌ଧ ପ୍ରାଣୀଙ୍କ ଆରତ,
କ୍ଷତ ବିକ୍ଷତ ପ୍ରକୃତିର ସୁଶୃଷା ପାଇଁ
ଅମୃତ କଳଶ ନେଇ ଧାଇଁ ଆସୁଥିଲା
ବୁନ୍ଦା ବୁନ୍ଦା ଅମୃତ ଟପ୍ ଟାପ
ସିଞ୍ଚି ଯାଉଥିଲା
ତୃଷାତୁର୍ ଏ ଧରିତ୍ରୀକୁ ପୁଣି
ସବୁଜ ଶାଢ଼ୀରେ ଢାଙ୍କି ଦେଉଥିଲା ।

ଆଜିର ମେଘ ଜଳ ଭର୍ତ୍ତି ନୁହଁ
ଶୁଷ୍କ ବାଦଲର ମେଳା
ଜଣାନାହିଁ ଇଏ ବର୍ଷିବ କି ନାହିଁ
ଅଥବା କେଉଁଠି ଅଳ୍ପ ବର୍ଷା
କେଉଁଠି ଅତି ବର୍ଷା ହେବ ।
କେଉଁଠି ପ୍ରାଣୀ ଜଳ ବିନା
ଡହଳ ବିକଳ ହେବେ
ଅଥବା କେଉଁଠି ବନ୍ୟାରେ
ପ୍ରାଣ ହାନି ହେବ ।

ଦୟାମୟୀ, କରୁଣାମୟୀ, ସ୍ନେହମୟୀ
ପ୍ରକୃତି ମାଆର ଏଇ
ବିନାଶିକା ରୂପ ଭୟଙ୍କର ।
କାଳୀ ରୂପା କରାଳ ମୁରତି
ଯେମିତି ଆସିଛି ନାଶ କରିବାକୁ
ନିଷ୍ଠୁର ମାନବ ଜାତିର ।

ଗଣି ଗଣି ହିସାବ ମାଗିବ
କାଟିଥିବା ବୃକ୍ଷ ମାନଙ୍କର ।
ବୁନ୍ଦା ବୁନ୍ଦା ଦୂଷିତ ଜଳ ଯାହା
ନଦୀ ଜଳରେ ଢାଳିଛି ।
ଯେତେକ ବିଷାକ୍ତ ଧୂଆଁ
ପବନେ ଛାଡ଼ିଛି ।

ଦିନ ଥିଲା ଏ ମଣିଷ ପ୍ରକୃତିକୁ
ମାଆ ପରି ସ୍ନେହ ଦେଉଥିଲା
ଦେବୀମାନ ପ୍ରକୃତିର ପୂଜା କରୁଥିଲା
ପ୍ରକୃତି ବି ପ୍ରତିଦାନେ କରୁଣାର,
ମମତାର, ସ୍ନେହର ଉପହାର
ସଭିଙ୍କ ଓଠରେ ହସ ଭରୁଥିଲା ।

ଯାହା ଦେବ ପ୍ରତିଦାନେ
ସେମିତି ମିଳିବ
ପ୍ରକୃତିକୁ ସମ୍ମାନ କର,
ପ୍ରକୃତିକୁ ସ୍ନେହ ଦିଅ
ପ୍ରକୃତିର ପୂଜା କର
କିଛି ମାଗିବା ଦରକାର ହେବନି
ପ୍ରକୃତି ତାର ଗନ୍ତା ଘର ତୁମ ପାଇଁ
ନିଜେ ନିଜେ ଖୁସିରେ ଖୋଲିଦେବ ।

ଫ୍ଲାଟ୍ ନଂ - ୨୨, ପକେଟ୍ - ୪
ଡିଡିଏ ଫ୍ଲାଟ୍‌ସ, ନରେଲା
ନୂଆଦିଲ୍ଲୀ - ୧୧୦୦୪୦
ଦୂରଭାଷ - ୮୧୩୦୮୫୨୫୯୩

# ଘର ବାହୁଡ଼ାର ବେଳ



ବିନୟ ମହାପାତ୍ର

ବୁଢ଼ା ସୁର୍ଯ୍ୟ ଯେତେବେଳେ
ସାରା ଦିନର କ୍ଲାନ୍ତ ମିଟାଇବାକୁ
ଘର ମୁହାଁ ହେଲା,
ତାର କ୍ଲାନ୍ତ ଚେହେରା
ଫିକା ନୁହେ ତେଜସ୍ୱ ନୁହେଁ
ନାଲି ଦିଶୁଥିଲା ।
ମୁଁ ବି ନିଜର କାମ ସମାପନରେ
ଲାଗି ପଡ଼ିଥିଲି ।
ମୋତେ ବି ଯିବାକୁ ଅଛି,
ନୀଡ଼ ବାହୁଡ଼ା ପକ୍ଷୀର ଡେଣାରେ ।
କେହି ଜଣେ କବାଟରେ ଆଖି ଲଗେଇ
ମୋ ବାଟ ଚାହିଁଥିବ ।
କଲିଂ ବେଲର ଘଣ୍ଟି ସହ ମୋ ନୀଡ଼ରେ ବି
ଗହଳ ଚହଳ ଆରମ୍ଭ ହୋଇଯିବ ।
ଝିଅ ମୋର ଧାଇଁ ଆସି
ଗୋଡ଼କୁ ମୋ କୁଣ୍ଢେଇ ଧରିବ ।

କୋଳେଇ ନବାକୁ ଅଝଟ କରବ ।

ପୁଅ ଏବେ ବସିବା ଶିଖୁଛ ।

ଗୁରୁଣ୍ଡି ଗୁରୁଣ୍ଡି ସାର୍ ଘର ମାଇନା କରୁଚ ।

ସିଏ ବ ନାନୀର ଅଝଟ ଦେଖି ଅନେଇ ରହବ ।

ଝିଅ ମୋର ଖିଲ ଖିଲ ହସି ଦେଲା

ଯେତେ ବେଳେ ତାକୁ

ମୋ କୋଳର ସାମ୍ରାଜ୍ୟ ମିଳଲା ।

ତା ହସର ଗୋଲପି ଛଟାରେ

ଘର ମୋର ପୁଲକ ଉଠିଲା ।

ସେ ରଙ୍ଗରେ ଆଉ କଛି ରଙ୍ଗ

ପୁଅର ସେ ପାକୁଆ ଓଠରେ

ଆଉ କଛି ରଙ୍ଗ ମୋର

ପ୍ରୀୟା ର ଗୋଲାପି ଅଧରେ ।

# ମୁଁ ଆଉ ଓଡ଼ିଆ ସିନେମା



ସ୍ୱରୂପ କୁମାର ମଲ୍ଲ

ସମୟର କଣ୍ଟାକୁ ଯଦ ଟିକେ ପଛକୁ ନେଇଯିବା,

ରବବାର ଦନ ଘରେ ସାଇ ପଡ଼ିଶାଙ୍କ ଆସର ଜମି ଯାଉଥିଲା, ବାପା କହୁଥିଲେ ଏଇ ଏରଆରେ କୋଣାର୍କର କାଠବାକ୍ସ ଟିଭ ପରେ ଆମର ଏଇ କଳାଧଳା ଟିଭଟେ ୨ ଟିଭ । ସକାଳ ୯ଟା ରେ ବୋଉ ହାତରନ୍ଧା ରୁଟି ଆଉ ଆଳୁ ଭଜା ଖାଉ ଖାଉ ଦନ କଟି ଯାଉଥିଲା ଦୂରଦର୍ଶନରେ ଶ୍ରୀକ୍ରୃଷ୍ଣା, ଶକ୍ତିମାନ୍, ଆପ ବଡ, ମେହେର୍ ଆଉ ମା ଧାରାବାହକ କାହାଣୀରେ....

ଗୃତକ ପର ଗ୍ରୁହିଁ ରହୁଥିଲୁ ରବବାର ଦନ ୩ଟା ଯାଏ...

ଉତ୍ତମ ମହାନ୍ତ, ଅପରାଜତା, ମିହର୍ ଦାସ, ବଜୟ ମହାନ୍ତ, ଶ୍ରୀରାମ ପଣ୍ଡା, ମହେଶ୍ୱତା, ହର ପଟ୍ଟନାୟକ, ରାଇମୋହନ, ଜୟୀ, ମାମିନା, ରାଇମୋହନ, କୁନା ଭାଇ, ରଚନା ବାନାର୍ଜୀ ଏମିତ ଅନେକ ମୂଲ୍ୟବାନ ହୀରାଙ୍କୁ...

ନେଇ ଯାରେ ମେଘ ମୋତେ, ଗପ ହେଲେ ବ ସତ, ବାଟୋଇ ଭାଇ ଯାଉଛ କାହିଁ, ପୁଟୁକଗାଲ ଫେସନବାଲ ଗ୍ରୁଲ ତୋ ବମ୍ୱେ ଦଲ ମୋ ବୋପାଲେ, କାଳୀ ତୋ କାଳୀ ନର ମୁଣ୍ଡ ବଳ ମୁଁ ବାସୁଳ ଖାଇବ ଖାଇବ ତୋ.., ଟୁମକୀ ସେ ନଆଁରେ .., ଏମିତ ଅନେକ ସ୍ମୃର୍ତି ମନକୁ ଆସେ.. ଯାହାକ କେବେ ବ ଭୁଲ ହେବେ ନାହିଁ.. କାରଣ ସେ ଦନର ଗୀତ ବା ସିନେମା ହ୍ରୁଦୟରେ ରହଯାଉଥିଲା... ସେଥିରେ ନଜର ଆପଣାପଣ ଅନୁଭବ କରହୁଏ ଆଜ ବ....

ହେଲେ ଆଜ ଓଲଉଡର ଓ ଜାଗାରେ ଅ ଠାରୁ ହ ପର୍ଯନ୍ତ ସବୁ ମିଳବ ହେଲେ ଓ ଆଉ ନାହିଁ..

((ବାକ ରହ ଗଲା କଛ କଥା.. ଅନେକ ସମୟ ପରେ ପୁଣି ଥରେ ସାହାସ ଯୁଟାଇ ଲେଖିବା ଆରମ୍ଭ କରଛ..))

# ଗାଈକୁ ମାଇଲେ ମଲ, ଗାଈ ମାଇଲେ ମଲ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଓଡ଼ିଆରେ କଥା ଅଛି 'ଆପଣା ହସ୍ତେ ଜିହ୍ୱାଛେଦୀ, କେ ଅଛି ତାର ପ୍ରତିବାଦି', ହେଲେ କିଛି ଲୋକ ସବୁ ଜାଣିଶୁଣି ନିଜ ହାତରେ ନିଜ ଜିହ୍ୱା ଛେଦନ କରୁଛନ୍ତି, ସେମାନଙ୍କ ଅବସ୍ଥା ପରେ କଣ ହେଉଛି ତାହା ଦେଖିବା ଶୁଣିବା ଲୋକ ହିଁ ଜାଣୁଛନ୍ତି ।

ବିଗତ ଦଶନ୍ଧୀରେ ଓଡ଼ିଆ ଏବଂ ଏହା ସଂଲଗ୍ନ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଆଦି ଅଞ୍ଚଳରେ ମାଓବାଦୀ କାର୍ଯ୍ୟକଳାପ ହଠାତ୍ ବୃଦ୍ଧି ପାଇଲା । ରାଜ୍ୟ ସରକାରଙ୍କ ସମାନ୍ତରାଳ ଏକ ଅନ୍ୟ ଶାସନ ବ୍ୟବସ୍ଥା ଏହି ମାଓବାଦୀମାନେ ସ୍ଥାପନ କରି, ଏହି ସବୁ ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମୃତ୍ୟୁର ତାଣ୍ଡବଲୀଳା ରଚିଲ ଲୋକଙ୍କୁ ଡରାଇ ଧମକାଇ ନିଜ ସହ ସାମିଲ କରିବାକୁ ଲାଗିଲେ ।

ବିଗତ ଦଶନ୍ଧୀରେ ଅନେକ ବଡ଼ ଧରଣର ମାଓବାଦୀ ହିଂସା ଆମ ରାଜ୍ୟକୁ ଦୋହଲାଇ ଦେଇଥିଲା । ସେଥିମଧ୍ୟରୁ ନୟାଗଡ଼ ଆକ୍ରମଣ ପ୍ରମୁଖ ଥିଲା । ଓଡ଼ିଶାର ଦକ୍ଷିଣ ଓ ପଶ୍ଚିମର କିଛି ଜିଲ୍ଲାରେ ମାଓବାଦୀଙ୍କ ଅନଧିକୃତ ଅବାଧ ପ୍ରବେଶ ଥିଲା । ସରକାରୀ କର୍ମଚାରୀମାନେ ସେହି ସବୁ ଅଞ୍ଚଳରେ କାମ କରିବାକୁ ଭୟ କରୁଥିଲେ । ଗଞ୍ଜାମ, ଗଜପତି, କୋରାପୁଟ୍, ମାଲକାନ୍‌ଗିରି, ଆଦି

ଜିଲ୍ଲାମାନଙ୍କରେ ମାଓବାଦୀଙ୍କ ପ୍ରାବଲ୍ୟ ଦିନକୁ ଦିନ ବଢ଼ିବାକୁ ଲାଗିଲା । ଏହାର ପ୍ରଭାବରେ କିଛି ଗରିବ ଆଦିବାସୀ ଯୁବକ ଯୁବତୀ ଏହି ଆନ୍ଦୋଳନରେ ସାମିଲ ହୋଇଗଲେ । ଓଡ଼ିଶା ସଂଲଗ୍ନ ଛତିଶଗଡ଼ର ଅନେକ ସ୍ଥାନରେ ମାଓବାଦୀମାନେ ବହୁତ ବଡ଼ ଧରଣର ହତ୍ୟାକାଣ୍ଡ ଭିଆଇଛନ୍ତି ଏବଂ ଅଧିକାଂଶ ସ୍ଥାନରେ ସେମାନେ ସୁରକ୍ଷାକର୍ମୀଙ୍କୁ ନିର୍ମମ ହତ୍ୟା କରିବାକୁ ପଛାଇ ନାହାନ୍ତି । ଏହି ଆନ୍ଦୋଳନରେ ଉଭୟ ପୁରୁଷ ଓ ମହିଳା ମାଓବାଦୀଙ୍କ ଉପସ୍ଥିତି ସବୁବେଳେ ଦେଖାଯାଇଥିଲା ।

ହେଲେ ଏବେ ମାଓବାଦୀଙ୍କ ପ୍ରଭାବ ଓଡ଼ିଶାରେ କିଛି ମାତ୍ରାରେ କମ ହୋଇଥିବା ଦେଖାଯାଉଛି । ବିଶେଷତଃ ବିଗତ ବର୍ଷ ମାନଙ୍କରେ ଓଡ଼ିଶାର ପ୍ରଭାବଶାଳୀ ମାଓନେତା ସବ୍ୟସାଚୀ ପଣ୍ଡାଙ୍କ ଗିରଫଦାରୀ ପରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ମାଓବାଦୀ କାର୍ଯ୍ୟକଳାପ ଊଣାଅଧିକେ ବନ୍ଦ ହୋଇଯାଇଛି । ହେଲେ ଅନ୍ୟ ଜିଲ୍ଲାମାନଙ୍କରେ ମାଓବାଦୀଙ୍କ ପ୍ରବେଶ ଓ କାର୍ଯ୍ୟକଳାପକୁ ଜାରୀ ରଖିବା ପାଇଁ ସେମାନଙ୍କ କେନ୍ଦ୍ରୀୟ କମାଣ୍ଡ ବିଭିନ୍ନ ରାଜ୍ୟରୁ ଆଣି କନିଷ୍ଠ ମାଓବାଦୀଙ୍କୁ ଓଡ଼ିଶାରେ ଅବସ୍ଥାପିତ କରିଛନ୍ତି, ସେମାନେ ମାଓବାଦୀ କାର୍ଯ୍ୟକଳାପ ଯାହା କରୁନାହାନ୍ତି ସେ ବିଷୟରେ ସମସ୍ତେ ଅନଭିଜ୍ଞ, କିନ୍ତୁ ସେମାନେ ନିଜ ଭିତରେ କରୁଥିବା ଶୋଷଣ ଓ ଦୁର୍ନୀତି ବର୍ତ୍ତମାନ ସମ୍ବାଦର ବିଷୟ ହୋଇଛି ।

ବିଗତ କେଇ ବର୍ଷ ହେଲା ଅନେକ ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି । ବିଗତ କେଇ ମାସ ତଳେ ଏମିତି ଦୁଇଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ ଏବଂ ପରେ ପୋଲିସ ମହକମା ଉପସ୍ଥିତିରେ ସେମାନଙ୍କୁ ବିବାହ କରାଯାଇଥିଲା, ସେମାନଙ୍କ ଥଇଥାନ ପାଇଁ ସାମାଜିକ ବ୍ୟବସ୍ଥା କରାଯାଇଥିଲା । ଦିନକୁ ଦିନ ଅଧିକରୁ ଅଧିକ ମାଓବାଦୀ ଆତ୍ମସମର୍ପଣ କରୁଛନ୍ତି । ସେଥିମଧ୍ୟରୁ ଅଧିକାଂଶଙ୍କ ମତ ଥିଲା ସେମାନେ ମାଓବାଦୀଙ୍କ କଥାରେ ଭୁଲିକି ଯାଇ ନିଜେ ଆନ୍ଦୋଳନରେ ସାମିଲ ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ କନିଷ୍ଠ କ୍ୟାଡ଼ରରେ ଥିବା

ମାଓବାଦୀଙ୍କ ଅସହ୍ୟ ଅତ୍ୟାଗ୍ଚର ସହନପାର ଗ୍ଚଡ଼ି ଦେଇଥିଲେ । ଯେଉଁ ସବୁ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି ସେମାନଙ୍କ ମଧ୍ୟରୁ ଅନେକ ମାଓ କ୍ୟାମ୍ପରେ ସେମାନଙ୍କ ଉପରେ ହେଉଥିବା ଶାରୀରିକ ଶୋଷଣ କଥା କହୁଛନ୍ତି । ବିଗତ କେଇ ଦିନରେ ଆତ୍ମସମର୍ପଣ କରିଥିବା ଅନେକ ମହିଳା ମାଓବାଦୀ ମତ ଦେଇଛନ୍ତି ଯେ ସେମାନଙ୍କୁ ମାଓ କ୍ୟାମ୍ପରେ ସିନିୟର୍ କ୍ୟାଡ଼ରରେ ଥିବା ରାଜ୍ୟ ବାହାରର ମାଓବାଦୀମାନେ ଯୌନଦାସୀ ଭାବରେ ବ୍ୟବହାର କରୁଥିଲେ । ଯେତେବେଳେ ଇଚ୍ଛା ସେତେବେଳେ ସେମାନଙ୍କ ସହ ଯୌନ ସଂଭୋଗ କରିବାକୁ ବାଧ୍ୟ କରାଯାଉଥିଲା । କିଛି ମହିଳା ମାଓବାଦୀଙ୍କୁ ବାଧ୍ୟ କରାଯାଇ ଗର୍ଭ ନଷ୍ଟ କରିବା ପାଇଁ ଔଷଧ ଏବଂ ଇଞ୍ଜେକ୍ସନ୍ ଦିଆଯାଉଥିଲା ।

ନିକଟ ଅତୀତରେ ଧରାଦେଇଥିବା ଦୁଇଜଣ ମହିଳା ମାଓବାଦୀଙ୍କ ଲୋମହର୍ଷଣକାରୀ ବୟାନ ପରେ ମାଓବାଦୀ କ୍ୟାମ୍ପର ସତ୍ୟତା ସମସ୍ତଙ୍କ ସମ୍ମୁଖରେ ଖୋଲି ହୋଇଯାଇଛି । ଏହି ଦୁଇଜଣ ପୂର୍ବତନ ମାଓବାଦୀଙ୍କ ମତରେ ମାଓ କ୍ୟାମ୍ପରେ ମହିଳାମାନଙ୍କୁ ସମାନ ଅଧିକାର ବା ସମ୍ମାନ ମିଳୁନାହିଁ । ପୋଲିସ ଏବଂ ସୁରକ୍ଷାକର୍ମୀଙ୍କ ଆକ୍ରମଣ ସମୟରେ ସେମାନଙ୍କୁ ଆଗଧାଡ଼ିରେ ଠିଆ କରି ଦିଆଯାଉଛି । କ୍ୟାମ୍ପରେ ଥିବା ସମସ୍ତ ପୁରୁଷ ଓ ବରିଷ୍ଠ କ୍ୟାଡ଼ରର ସଦସ୍ୟମାନେ ସେମାନଙ୍କ ସହ ଶାରୀରିକ ସଂପର୍କ ରଖିବାକୁ ବାଧ୍ୟ କରୁଛନ୍ତି ଏବଂ ଅକଥନୀୟ ନିର୍ଯ୍ୟାତନା ଦେଉଛନ୍ତି । ବିରୋଧ କରିବା କିମ୍ବା ଆପତ୍ତି ଅଭିଯୋଗ କଲେ ପ୍ରାଣରେ ମାରିଦେବାର ଧମକ ମିଳୁଛି ।

ଉଲ୍ଲେଖନୀୟ ଯେ ଏହି ସବୁ ମହିଳା ସଦସ୍ୟା ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ମାଓ ଆନ୍ଦୋଳନରେ ସାମିଲ ହୋଇଥିଲେ । ମାଓବାଦୀମାନେ ସେମାନଙ୍କୁ ସମାନ ଅଧିକାର, ନ୍ୟାୟ, ରୋଜଗାର ଆଦି ଭଲ ଭଲ କଥା କହି ନିଜ ସହ ସାମିଲ ହୋଇଥିଲେ । କିଛି ମହିଳା ମାଓବାଦୀଙ୍କୁ ଜବରଦସ୍ତି ବା ଧମକଚମକ ଦେଇ ସାମିଲ୍ କରାଯାଇଥିଲା । ମାଓବାଦୀ

ନକ୍ସଲମାନେ ଗାଁ ଗାଁ ବୁଲି ଯୁବକଯୁବତୀ ମାନଙ୍କୁ ମାଓବାଦୀ ହେବାପାଇଁ ପ୍ରବର୍ତ୍ତାଇଥିଲେ । ଯେଉଁମାନେ ଏହା ଦ୍ୱାରା ସାମାଜିକ ନ୍ୟାୟ ପାଇବେ ବୋଲି ଆଶା କରିଥିଲେ ଏବେ ସେମାନେ ସେମାନଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ବିଭିନ୍ନ ଥାନା ଓ ଅଦାଲତରେ ମାମଲା ଦାୟର କରୁଛନ୍ତି । ଅବଶ୍ୟ ଏହା ଦ୍ୱାରା ମାଓବାଦୀ କ୍ୟାମ୍ପରେ ହେଉଥିବା ଯୌନ କେଲେଙ୍କାରୀ ଓ ଶୋଷଣ ପଦାକୁ ଆସିଛି ।

# ମନ୍ତ୍ର ମହାତ୍ମ୍ୟ



ପ୍ରତିଭା ପ୍ରିୟଦର୍ଶିନୀ

ଏହା ସନ୍ଥ ରାମାନୁଜାଚାର୍ଯ୍ୟ ଏବଂ ଓଁ ନମୋ ନାରାୟଣ ମନ୍ତ୍ରର କାହାଣୀ । ଥରେ ରାମାନୁଜ ତାଙ୍କ ଗୁରୁ ଗୋଷ୍ଠିପୂର୍ଣ୍ଣଙ୍କ ଠାରୁ ଗୁପ୍ତମନ୍ତ୍ର ଶିକ୍ଷା କରିବାକୁ ଆଗ୍ରହ ପ୍ରକାଶ କଲେ । ବହୁ ଗହନ ବିଚାର ପରେ ଗୁରୁ ଏଥିପାଇଁ ଅସହମତ ଜଣାଇଲେ । ବାରମ୍ବାର ରାମାନୁଜ ଏଥିପାଇଁ ଗୁରୁଙ୍କୁ ଅନୁନୟ କରିଚାଲିଲେ । ଗୁରୁଙ୍କ ଠାରୁ ୧୮ ଥର ନାସ୍ତିବାଣୀ ଶୁଣିବା ପରେ ରାମାନୁଜ ବିଚାର କଲେ, ହୁଏତ ତାଙ୍କ ଅନ୍ତର ଆତ୍ମାରେ କୌଣସି କଳୁଷ ରହିଛି ଯେଉଁଥିପାଇଁ ଗୁରୁ ଗୋଷ୍ଠିପୂର୍ଣ୍ଣ ତାଙ୍କ ଠାରେ କୃପା କରୁନାହାନ୍ତି । କ୍ରମଶଃ ବିଷାଦଗ୍ରସ୍ତ ହୋଇ ସେ ନୈରାଶ୍ୟରେ ଅଶ୍ରୁ ବୁହାଇବାକୁ ଲାଗିଲେ । ରାମାନୁଜଙ୍କ ଏଭଳି ଅବସ୍ଥା ବିଷୟ ଅବଗତ ହେବାପରେ ଗୁରୁଙ୍କ ହୃଦୟ ବିଗଳିତ ହେଲା । ପୁଣିଥରେ ଯେବେ ରାମାନୁଜ ଗୁରୁଙ୍କ ନିକଟକୁ ଆସିଲେ, ଗୁରୁ ତାଙ୍କୁ କହିଲେ, “କେବଳ ସ୍ୱୟଂ ଭଗବାନ ବିଷ୍ଣୁ ଏହି ମନ୍ତ୍ରର ମାହାତ୍ମ୍ୟ ଜାଣନ୍ତି । ଏବେ ମୁଁ ଅନୁଭବ କରୁଛି ଯେ ତୁମେ ତାଙ୍କ ପାଦପଦ୍ମରେ ପୂର୍ଣ୍ଣସମର୍ପଣ କରି ଏହି ମନ୍ତ୍ରପ୍ରାପ୍ତି ଲାଗି ନିଜକୁ ଯୋଗ୍ୟ କରିପାରିଛ । ଏହି ମନ୍ତ୍ର ଉଚ୍ଚାରଣକାରୀକୁ ମୃତ୍ୟୁପରେ ନିଶ୍ଚିତ ବୈକୁଣ୍ଠ ପ୍ରାପ୍ତିହୁଏ । ଏହା ଏତେ ଶୁଦ୍ଧ, ପୂତ ଯେ, ବିଷ୍ଣୁ ମୋହାଚ୍ଛନ୍ନ କୌଣସି ଓଠ ଏହାକୁ ସ୍ପର୍ଶ କରିବାକୁ

ଅଯୋଗ୍ୟ । ତେଣୁ ତୁମେ ଏହାକୁ ଅନ୍ୟ କାହାରକୁ ଜଣାଇବ ନାହିଁ ।"

ଏହି ଉପଦେଶ ଦେଇ ସତର୍କ କରାଇବା ପରେ ଶିଷ୍ୟ ରାମାନୁଜଙ୍କୁ ଗୁରୁ ଏହି ଅଷ୍ଟପଦୀ ମନ୍ତ୍ର ଜପ କରିବାପାଇଁ ନିର୍ଦ୍ଦେଶ ଦେଲେ । ଜପକରି ତାଙ୍କୁ ପରମ ଆନନ୍ଦ ପ୍ରାପ୍ତି ହେଲା ଓ ଅପୂର୍ବ ଆଧାତ୍ମିକ ତେଜରେ ତାଙ୍କ ମୁଖଶ୍ରୀ ଉଜ୍ଜ୍ୱଳ ଦିଶିଲା । ସେ ନିଜକୁ ଧନ୍ୟ ମଣିଲେ ଓ ଗୁରୁଙ୍କ ପାଦରେ ଶତ ପ୍ରଣିପାତ କରି ବିଦାୟ ନେଇ ଶ୍ରୀରଙ୍ଗମ୍ ଫେରିବାକୁ ଯାତ୍ରା ଆରମ୍ଭ କଲେ ।

ଫେରିବା ବାଟରେ ଗୁରୁଙ୍କ ଠାରୁ ପାଇଥିବା ଦିବ୍ୟ ମନ୍ତ୍ରର ଶକ୍ତି ବିଷୟ ଚିନ୍ତା କରୁଥିଲେ । ଏଭଳି ଚିନ୍ତା କରୁ କରୁ ତାଙ୍କ ମନରେ ସଂସାର କଷ୍ଟରେ ସନ୍ତପ୍ତ ସମସ୍ତ ଜୀବଙ୍କ ପାଇଁ ଗଭୀର ଅନୁକମ୍ପା ଜାଗ୍ରତ ହେଲା । ତିରୁକ୍କୋଟିୟୁର ବିଷ୍ଣୁ ମନ୍ଦିର ପାର୍ଶ୍ୱ ଦେଇ ଗଲାବେଳେ, ସେ ଆତଯାତ କରୁଥିବା ଲୋକଙ୍କୁ ଡାକି କହିଲେ, "ସମସ୍ତେ ବିଷ୍ଣୁ ମନ୍ଦିର ନିକଟକୁ ଆସନ୍ତୁ, ମୁଁ ଏକ ଅମୂଲ୍ୟ ରତ୍ନ ଉପହାର ଦେବି ।"

ତାଙ୍କ ଅମାୟିକ କଥାରେ ପ୍ରଭାବିତ ହୋଇ ଅନେକ ସ୍ତ୍ରୀ, ପୁରୁଷ ଓ ଶିଶୁ ତାଙ୍କୁ ଅନୁସରଣ କରିବାକୁ ଲାଗିଲେ । ଚାରିଆଡ଼େ ଚାରିଆଡ଼େ କଥା ପ୍ରସାରିତ ହୋଇଗଲା ଯେ ଜଣେ ସନ୍ଥ ସମସ୍ତଙ୍କ ଇଚ୍ଛା ପୂରଣ କରିବେ । ତେଣୁ ଖୁବ୍ କମ୍ ସମୟ ଭିତରେ ପ୍ରବଳ ଭିଡ଼ ଏକତ୍ରିତ ହୋଇଗଲା ମନ୍ଦିର ନିକଟରେ । ଏହା ଦେଖି ରାମାନୁଜଙ୍କ ହୃଦୟ ସ୍ମିତ ହେଲା । ଅତ୍ୟନ୍ତ ଖୁସିରେ ସେ ଦୁଇ ଶିଷ୍ୟ ଦାଶରଥୀ ଓ କୁରେସଙ୍କୁ କୋଳେଇ ନେଲେ ଓ ପରେ ମନ୍ଦିର ଚୂଡ଼ାକୁ ଚଢ଼ିଗଲେ ।

ସେଠାରେ ରହି ଉଚ୍ଚସ୍ୱରରେ କହିଲେ, "ମତେ ତୁମେମାନେ ମୋ ଜୀବନଠାରୁ ମଧ୍ୟ ପ୍ରିୟ । ତେଣୁ ତୁମ ମାନଙ୍କୁ ସଂସାରର ସମସ୍ତ ଦୁଃଖ ଓ ଯନ୍ତ୍ରଣାରୁ ମୁକ୍ତି ଦେବାକୁ ଚାହୁଁଛି । ମୋ ସହିତ ଏହି ମନ୍ତ୍ରର ଉଚ୍ଚାରଣ କର ଏବଂ ବିଷ୍ଣୁ କୃପା ପ୍ରାପ୍ତ ହୁଅ ।" ସମବେତ ଜନତା ତାଙ୍କୁ ଅନୁରୋଧ କଲେ ଦୟାପୂର୍ବକ ମନ୍ତ୍ରଟି ଉଚ୍ଚାରଣ କରିବା ପାଇଁ । ରାମାନୁଜ ଉଚ୍ଚସ୍ୱରରେ କହିଲେ,

"ଓଁ ନମୋ ନାରାୟଣ"

ସାଙ୍ଗେ ସାଙ୍ଗେ ସମବେତ ଜନତା ମଧ୍ୟ ସେହି ମନ୍ତ୍ର ଉଚ୍ଚାରଣ କଲେ । ମିଳିତ କଣ୍ଠସ୍ୱରରେ ମନ୍ତ୍ରର ମୂର୍ଚ୍ଛନା ବଜ୍ର ନିନାଦ ସମ ଝଙ୍କାର ତୋଳୁଥିଲା । ରାମାନୁଜ ଯେତେଥର ମନ୍ତ୍ରଟି କହିଲେ, ମିଳିତ ଜନସମୂହ ପ୍ରତିଉଚ୍ଚାରଣର ଉଦ୍‌ଘୋଷରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହେଲା । ସମସ୍ତେ ପରମାନନ୍ଦ ଲାଭକରି ତୃପ୍ତ ହେଉଥିଲେ ଓ ପରସ୍ପରକୁ ଦେଖୁଥିଲେ । ସେତେବେଳକୁ ସେହି ସ୍ଥାନ ବୈକୁଣ୍ଠ ସମାନ ପ୍ରତୀତ ହେଉଥିଲା ।

ସମବେତ ନର, ନାରୀ, ଶିଶୁଙ୍କ ମୁଖରେ ଆନନ୍ଦର ଅପୂର୍ବ ଉଜ୍ଜ୍ୱଳ ଆଭା ଦେଖି ଲାଗୁଥିଲା ଯେମିତି ପୃଥିବୀରୁ ସମସ୍ତ ଦୁଃଖ ଶୋକ ଅପସରି ଯାଇଛି । ସୁନା, ରୁପା ଓ ରତ୍ନାଦି ଲାଳସାରେ ଆସିଥିବା ଲୋକଙ୍କ ମନରୁ ସମସ୍ତ ଲାଳସା ଆପଣାଛାଏଁ ଚାଲିଯାଇଥିଲା । ସେମାନେ ଅନୁଭବ କରୁଥିଲେ ଯେମିତି କେହି ତାଙ୍କୁ ଭଙ୍ଗାକାଚ ବଦଳରେ ହୀରା ଖଣ୍ଡେ ଧରାଇ ଦେଇଛି । ଉଲ୍ଲସିତ ଭିଡ଼ ଭାଙ୍ଗିବା ବେଳେ ରାମାନୁଜଙ୍କୁ ଭୂମିଷ୍ଠ ପ୍ରଣାମ ଜଣାଉଥିଲେ ତାଙ୍କ ଆଶୀର୍ବାଦ ଲାଗି । ସେଠାରୁ ବିଦାୟ ନେଇ ରାମାନୁଜ ଅତିଶୟ ଆନନ୍ଦରେ ନିଜ ଗୁରୁଙ୍କ ପାଦପୂଜା କରିବାକୁ ଅଗ୍ରସର ହେଲେ ।

ସେତେବେଳକୁ ଗୁରୁ ଗୋଷ୍ଠିପୂର୍ଣ୍ଣ ମନ୍ଦିର ସନ୍ନିକଟ ସମସ୍ତ ଘଟଣା ଜାଣିସାରିଥିଲେ ଏବଂ ରାମାନୁଜଙ୍କ ବିଶ୍ୱାସଘାତକତା ପାଇଁ ତାଙ୍କ ଉପରେ ଭୀଷଣ କ୍ଷୁବ୍ଧ ହୋଇ ଥିଲେ । ଯେବେ ରାମାନୁଜ ନିଜ ଦୁଇ ଶିଷ୍ୟଙ୍କ ସହିତ  ସେଠାରେ ଉପସ୍ଥିତ ହେଲେ, କ୍ରୋଧ ଜର୍ଜରିତ ଗୁରୁ ଗୋଷ୍ଠିପୂର୍ଣ୍ଣ ତାଙ୍କୁ କହିଲେ, "ରେ ନୀଚ ମନୁଷ୍ୟ, ମୋ ଦୃଷ୍ଟିରୁ ଦୂରେଇ ଯା । ତୁମଭଳି ଜଣେ ବିଶ୍ୱାସ ଅନୁପଯୋଗୀ ବ୍ୟକ୍ତିକୁ ଅମୂଲ୍ୟ ମନ୍ତ୍ରଶକ୍ତି ଦେଇ ମୁଁ ମସ୍ତବଡ଼ ପାପ କରିପକାଇଛି । ପୁଣିଥରେ ଏଠିକୁ ଆସି, ମୋତେ ତୁମ ମୁହଁ ଚାହିଁବାର ପାପ କରିବାକୁ ବାଧ୍ୟ କରୁଛ? ତୁମେ ନିଶ୍ଚିତ ଭାବରେ ସହସ୍ର ଜନ୍ମଧରି ନର୍କରେ ରହିବାର ବନ୍ଦୋବସ୍ତ କରି ସାରିଛ ।"

ବିନା ଅନୁଶୋଚନାରେ ରାମାନୁଜ କହିଲେ, "ମୁଁ ଜନ୍ମ ଜନ୍ମ ଧରି ନର୍କ ଭୋଗିବାକୁ ପ୍ରସ୍ତୁତ

ଗୁରୁଦେବ । ଆପଣ ମୋତେ କହିଥିଲେ, ଯେ କେହି ବ୍ୟକ୍ତି ଏହି ଅଷ୍ଟପଦୀ ମନ୍ତ୍ର ଜପ କରିବ ସେ ମୋକ୍ଷ ପ୍ରାପ୍ତହେବ । ଆପଣଙ୍କ କଥାନୁସାରେ ଏତେ ସଂଖ୍ୟକ ଲୋକଙ୍କ ଭାଗ୍ୟରେ ନାରାୟଣଙ୍କ ପାଦପଦ୍ମରେ ସ୍ଥାନ ପାଇବାର ସୁଯୋଗ ଜୁଟିଲା । ଏତେ ବଡ଼, ମହାର୍ଘ ଘଟଣା ପାଇଁ ମୋ ଭଳି ଜଣେ ଅକିଞ୍ଚନ ନର୍କଗାମୀ ହେବା କିଛି ବଡ଼ କ୍ଷତି ନୁହେଁ ।

ନିଜ ଶିଷ୍ୟର ଏଭଳି ମହତ ଉଦ୍ଦେଶ୍ୟ ଦେଖି ଗୁରୁଙ୍କ ସମସ୍ତ କ୍ରୋଧ କ୍ଷଣିକେ ଉଭେଇଗଲା ଓ ସେ ରାମାନୁଜଙ୍କୁ ଶ୍ରଦ୍ଧାରେ କୋଳାଗ୍ରତ କଲେ । ଗୁରୁଙ୍କ ଏପରି ପରିବର୍ତ୍ତନ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ଓ ଆନନ୍ଦିତ ହେଲେ । ଗୋଷ୍ଠିପୂର୍ଣ୍ଣ ଯୋଡ଼ହସ୍ତ ପୂର୍ବକ ରାମାନୁଜଙ୍କୁ କହିଲେ, "ବତ୍ସ, ତୁମ ଭଳି ଉଦାର ମହାନୁଭବ ବ୍ୟକ୍ତି ମୁଁ ଦେଖିନାହିଁ । ଆଜିଠୁଁ ତୁମେ ମୋ ଗୁରୁ ଓ ମୁଁ ତୁମ ଶିଷ୍ୟ ।"

ଜ୍ଞାନ ବାଣ୍ଟିବା ଲାଗି ଉଦ୍ଦିଷ୍ଟ । ଆମେ ଆଧ୍ୟାତ୍ମିକ ଜ୍ଞାନର ପ୍ରଚାର ପ୍ରସାର କରିବା ଉଚିତ । ମନ୍ତ୍ର ଓ ଆଧ୍ୟାତ୍ମର ଅପରିସୀମ ଜ୍ଞାନକୁ ସାମଗ୍ରିକ ଉନ୍ନତି ଲାଗି ବିନିଯୋଗ କରିବା ସର୍ବାଦୌ ମଙ୍ଗଳକାରୀ ।

ପ୍ଲଟ୍ ନଂ- ୨୪, ଶକ୍ତି ନଗର
ଲିଙ୍କ ରୋଡ୍, କଟକ-୧୨

# ସାଥି ବିନା



ଜ୍ୟୋତି କିଶୋର ମହନ୍ତ

ହେ  ସାଥି ତୁମେ ଗଲାପରେ ଅନେକ କଷ୍ଟ ଏଠି

ଆଶା ଆଶଙ୍କାରେ ବଂଚିମୁଁ ରହିଛି ଜିଅନ୍ତାଶବ ପରି  ।

ହେ  ସାଥି, ଫେରିବା ବାଟକୁ ଗୃହିଁ ମୁଁ  ରହିଛି ଗୃତକ ପରି

କିନ୍ତୁ  ତୁମେ ତ ଫେରିବାର ନାଁ ଧରନା ।

ପାଇ ତୁମ ଉତ୍କଳ ମାଟିର ସ୍ନେହ, ପ୍ରେମ ଆଉ ଭଲପାଇବା.........  ! !

ବାଙ୍କିଆ, କେନ୍ଦୁଝର - ୭୫୮୦୪୪

ଦୂରଭାଷ - ୯୦୪୦୩୧୫୨୯୨

# ବଶ୍ୱାସ



ଦୀପକ ଷଡଙ୍ଗୀ

ପ୍ରଚଣ୍ଡ ଗ୍ରୀଷ୍ମର ମଧ୍ୟାହ୍ନରେ ପଥିକଟି ଦଗହଗ୍ ହୋଇ ମରୁଭୂମିରେ ଗ୍ଲଥାଏ । ଯୁଆଡ଼େ ଅନାଉଥାଏ ଖାଲ ବାଲ ଆଉ ବାଲ । ଶୋଷରେ ଆଉଟୁପାଉଟୁ ହୋଇ ସେ ଖୋଜ ବୁଲୁଥାଏ କେଉଁଠୁ ଏକ ଜଳର ଉତ୍ସ । ଯାହା ଫଳରେ ସେ ତାର ତୃଷାର୍ତ୍ତ ଆତ୍ମାକୁ ଶାନ୍ତ ଦେଇ ପାରବ । ଟିକେ ଥକା ମାର ବସି ବ ପାରୁ ନଥାଏ କାରଣ ତତଲା ବାଲରେ ତାର ସର୍ବାଙ୍ଗ ଜଳପୋଡ଼ି ଯାଉଥାଏ । ସେ ଈଶ୍ୱରଙ୍କୁ ମନେମନେ ପ୍ରାର୍ଥନା କଲା ହେ ପ୍ରଭୁ ! ମୋତେ କେଉଁଠି ଏକ ଜଳଉତ୍ସର ସନ୍ଧାନ ଦଅ ନଚେତ ଆଉ କଛ ସମୟ ପରେ ମୋର ପ୍ରାଣବାୟୁ ଉଡ଼ିଯିବ । କଛ ବାଟ ଯିବା ପରେ ତା ଆଖି ଆଗରେ ପଡ଼ିଲା ଗୋଟେ ନଳକୂପ, ବହୁ କଷ୍ଟରେ ଗ୍ଲଗ୍ଲ ଯାଇ ତା ପାଖେ ପହଞ୍ଚିଲା; କନ୍ତୁ ସେ ଯାହା ଦେଖିଲା ତାକୁ ଦେଖି ସେ ଅବାକ ହୋଇ ଈଶ୍ୱର ତା ଅବସ୍ଥା ଉପରେ ବଦ୍ରୂପ କରଛନ୍ତ ବୋଲ ଭାବ ଖୁବ କଷ୍ଟ ପାଇଲା । ସେଠି ସେ ଦେଖିଲା ଯେ ନଳକୂପଟି ଏକଦମ ଶୁଷ୍କ ଯେତେ ଚେଷ୍ଟା କଲେବ ସେଥିରୁ ଟୋପାଟିଏ ବ ପାଣି ବାହାରୁନ, କନ୍ତୁ ତା ପାଖରେ ଗୋଟେ ବୋତଲରେ ପାଣି ରଖାଯାଇଛ ଓ ତା ଉପରେ ଖଣ୍ଡେ କାଗଜରେ ଅଠା ମରାଯାଇ ଲେଖାଅଛ ଯେ 'ପ୍ରଥମେ ଏ ପାଣିକୁ ନଳକୂପ ଭତରେ ଭର୍ତ୍ତିକର ଓ ତା ପରେ କଛ ସମୟ ଚେଷ୍ଟାକର ଏ ନଳକୂପ ତୁମକୁ ପାଣି ଦେବ' ।

ପଥିକଟି ବଡ଼ ଚନ୍ତାରେ ପଡ଼ିଗଲା ଭବଲା ଯଦ ମୁଁ ଏ ବୋତଲଟି

ଯାକ ପାଣିକୁ ନଳକୂପରେ ଭର୍ତି କରିବା ପରେ ପାଣି ନ ବାହାରିଲା ତେବେ ମୁଁ କଣ କରିବ ? ଭଲ ହେବ ମୁଁ ଏ ପାଣିକୁ ପିଇ ମୋ ଜୀବନଟାକୁ ଆଗ ରକ୍ଷା କରିଦିଏ, ତା ପରେ ଦେଖିବା, ଠିପି ଖୋଲି ପାଣି ବୋତଲକୁ ମୁହଁରେ ଲଗାଇବାକୁ ଯାଇଛି ତ ହଠାତ ରହିଗଲା, ତା ଅନ୍ତର୍ମନ କହି ଉଠିଲା "ଆରେ ତୁ ସିନା ଏ ବୋତଲଟି ଯାକ ପାଣି ପିଇ ବଞ୍ଚିଯିବୁ ହେଲେ ଏ ଶୁଷ୍କ ମରୁଭୂମିରେ ପାଣି ପାଇବାର ଯେଉଁ ଟିକକ ଆଶା ଓ ଭରସା ଅଛି ତୁ ତାକୁ ସବୁଦିନ ପାଇଁ ଶେଷ କରି ଦେବୁ, ଆଉ ଯଦି ବି ତୁ ଏ ବୋତଲଟି ପାଣି ପିଇଯାଉ ଏତିକରେ କଣ ତୋ ଶୋଷ ମେଣ୍ଟିବ ? କିଛି ସମୟ ପରେ ପୁଣି ଶୋଷ ହେବ ତୁ ପୁଣି ପାଣି ଆଉ କେଉଁଠୁ ପାଇବୁ ? ଆଉ ତତେ ବାକି ରାସ୍ତା ପାଇଁ ପାଣି ବି ଦରକାର ପଡ଼ିବ, ତେଣୁ ପାଣିକୁ ଯଦି ବୋତଲରେ ଲେଖାଯାଇ ଥିବା ନିର୍ଦ୍ଦେଶ ଅନୁସାରେ ଉପଯୋଗ କରିବୁ ହୁଏତ ତତେ ପାଣି ପିଇବାକୁ ସୁଯୋଗ ମିଳିବ ଆଉ ବାକି ରାସ୍ତା ପାଇଁ ମଧ ପାଣିକୁ ମୁଣାରେ ଭରିକ ନେଇ ଯାଇ ପାରିବୁ" ।

ପଥିକଟି ବଡ ଦ୍ୱନ୍ଦରେ ପଡ଼ିଗଲା । ଏପରି ତ୍ରିଶଙ୍କୁ ଅବସ୍ଥାରେ ପଡ଼ିବା ଅପେକ୍ଷା ମୃତ୍ୟୁ ଶ୍ରେୟସ୍କର ବୋଲି ସେ ଭାବି ନେଲା, ତଥାପି ଈଶ୍ୱରଙ୍କୁ ସ୍ମରଣ କରି ବୋତଲଟି ଯାକ ପାଣି ସେ ନଳକୂପରେ ଭର୍ତ୍ତି କରିଦେଲା ଓ ନଳକୂପର ହ୍ୟାଣ୍ଡେଲକୁ ଧରି ପାଗଳଙ୍କ ଭଳି ତଳ ଉପର କରିବାକୁ ଲାଗିଲା କିଛି ସମୟ ପରେ ସେ ଯାହା ଦେଖିଲା ତାକୁ ଦେଖି ତାର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ଦେଖିଲା ଯେ ନଳକୂପରୁ ନିରବଛିନ୍ନ ଭାବେ ମିଠା ପାଣି ବାହାରୁଚି, ନିଜେ ପେଟେ ପାଣି ପିଇଲା, ପାଖରେ ରଖିଥିବା ମୁଣାରେ ପାଣି ଭର୍ତ୍ତିକଲା, ଈଶ୍ୱରଙ୍କୁ ଧନ୍ୟବାଦ ଜଣେଇଲା ଏବଂ ଶେଷରେ ସେଇ ଖାଲି ବୋତଲଟିରେ ପାଣିଭର୍ତି କରି ସେଥିରେ ଲାଗି ଥିବା କାଗଜରେ ଆଉ କିଛି ପଦ ଯୋଗ କରି ଲେଖିଦେଲା ଯେ;

"ପ୍ରଥମେ ଏ ପାଣିକୁ ନଳକୂପ ଭିତରେ ଭର୍ତ୍ତିକର, ନିଜ ଉପରେ ଏବଂ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ ଓ ତା ପରେ କିଛି ସମୟ ଚେଷ୍ଟାକର ଏ ନଳକୂପ ତୁମକୁ ନିଶ୍ଚୟ ପାଣି ଦେବ" ।

ଅଧ୍ୟାପକ, ଗେଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦

# ମା'ର ମମତା



ଜ୍ୟୋର୍ତିମୟୀ ଷଡ଼ଙ୍ଗୀ

ମା' ତୁ ମମତାମୟୀ
ତୋ ସ୍ନେହ ମଧୁର
ତୋ କୋଳେ ଥିଲେ ସନ୍ତାନ
ଲାଗେ ନାହିଁ ତାକୁ ଡର

ପଣତ ଅଟେ ତୋର
କଳ୍ପବଟର ଛାଇ
ଆଶ୍ରୟ ନେଲେ ତୋ କୋଳେ
ଝଡ଼ବର୍ଷା ବାଧେ ନାହିଁ

ସ୍ନେହ ତୋ ଅଟଇ
ସତେ ଅମୃତର ଧାର
ଦୁଖରେ ଥିଲେ ସନ୍ତାନକୁ
କୋଳରେ ଦଅଉ ଆଶର

ମା ର ମମତା ଅଟଇ
ସରଗ ସୁଖରୁ ମହାନ
ବିପଦରୁ ରକ୍ଷା କରେ
ଦେଇ ନିଜ ପ୍ରାଣ

ମା ର ସ୍ନେହ ଆଶିଷ କରେ
କଣ୍ଟାକୁ ବି ଫୁଲ
ସୁଝି ପାରିବନି ସନ୍ତାନ
କେବେ ମା ର ମମତାର ମୂଲ

ଶରଧା ବାଲି,ବ୍ରହ୍ମପୁର – ୧୦

# ବଢ଼ିମ୍ବିତ ଭାଗ୍ୟ



ଜୟନ୍ତୀ ବେହେରା

ଏ ଯାଏଁ ବିଷରୁ
ମୁକ୍ତି ପାଇନି
ମୁଠାଏ ବିଶ୍ୱାସ
କି କ୍ଷତରୁ ଶୁଖିନି
ଝରୁଥିବା ମଲ୍ଲି ରକ୍ତ ।
ତଥାପି ତୁମେ ଏତେ ନିର୍ମମ
ବିଷରୁ ଖୋଜୁଛ ଆଜି
ବଳକା ବିଶ୍ୱାସ
ଯନ୍ତ୍ରଣାରୁ ନିଗାଡ଼ି ନିଅ
ବିନ୍ଦୁ ବିନ୍ଦୁ ରକ୍ତ ।

ସତରେ କଣ ତୁମେ ଜାଣିନ ?
ବିଷରେ ସଞ୍ଚରଯାଇଥିବା ବିଶ୍ୱାସ
ମୋ ବଞ୍ଚିବାର ଅସହାୟ ମୋହ ।
ହାରି ଯାଇଥିବା ଅଭିଶପ୍ତ ଜୀବନର
ଏ ଯେ ଅସରନ୍ତି ଅବ୍ୟକ୍ତ କୋହ ।

ଯଦ ତୁମେ କରପାରବନ

ଆମ ସଂପର୍କର ଗଭୀରତାରେ

ସମୁଦ୍ର ମନ୍ଥନ

କ ଖୋଜପାରବନ ମୋ ପାଇଁ

ଅମୃତର ସନ୍ଧାନ

ତାହା ହେଲେ କରନ ମୋତେ

ବାରମ୍ବାର ବଷର ବଶ୍ୱାସରେ

ଅସହ୍ୟ ଦଂଶନ

ବରଂ, ଢେର ଭଲ ହେବ

ମୁକୁଳା କରଦଅ

ବଡ଼ମ୍ବିତ ଭଗ୍ୟର ଚରମ ମୁହୂର୍ତ୍ତରେ

ଗ୍ରେରେଇ ନେଇଥିବା ମୋ

ସବୁତକ ହୃଦୟ ସ୍ପନ୍ଦନ ।

# ଖୋଲିଦିଅ ଝରକା



ଭଗିରଥୀ ବେହେରା

ଖୋଲିଦିଅ ଝରକା, ପବନ ଉପରେ ଆମ ଅଧିକାର
କିଏ କାହାକୁ ନ ପଚାରୁ, ଦୁହେଁ ଦୁହିଁଙ୍କ ହେବା ନଜର ।
ଖୋଲିଦିଅ ଝରକା, ଜହ୍ନ ହେବ ଆମ ଆକାଶର
କିଏ କାହାକୁ ନ ପାଉ, ପାଇଯିବା ଶୀତଳତା ଜ୍ୟୋତ୍ସ୍ନାର ।
ଖୋଲିଦିଅ ଝରକା, ଆପେ ଖୋଲିଯିବ ହୃଦୟର ଦ୍ୱାର
କିଏ କାହାକୁ ନ ଭୁଲୁ, ଚାଲ ଭୁଲିଯିବା ଯନ୍ତ୍ରଣାର ସ୍ୱର ।
ଖୋଲିଦିଅ ଝରକା, ଫେରିପାଇବା ସ୍ମୃତି ହଜିବାର
କିଏ କାହାକୁ ନ କହୁ, କହିବା କାହାଣୀ ଆମ ପ୍ରେମର ।
ଖୋଲିଦିଅ ଝରକା, ଦେଖିବା ଆଗାମୀ ଚିତ୍ର ଜୀବନର
କିଏ କାହାକୁ ନ ଆଙ୍କୁ, ଆମେ ଆଙ୍କିବା ସ୍ୱପ୍ନ ଭବିଷ୍ୟତର ।

ଗଞ୍ଜାମର କବିତାଘର, ବାଲିଗୁଡ଼ା, ଓଡ଼ିଶା

# ଗୁଳଆ ଦୋକାନ ବର୍



ଡା ସୌମ୍ୟରଞ୍ଜନ ମିଶ୍ର

ସୁଦର୍ଶନ କଛଦନପାଇଁ କେଉଁଆଡ଼େ ଯାଇଥିଲା, ତା ଏନ୍‌ଜଓ କାମରେ । ଯେମିତ ସେଦନ ସକାଳୁ ପ୍ରାତଃ ଭ୍ରମଣରେ ଦେଖା ହୋଇଛ ମୋତେ ପଗ୍ଚରଲା - ଭଇନା ଆପଣଙ୍କୁ କଣ କୁହାଯିବ ? ବଖ୍ୟାତ ଡାକ୍ତର ନା ପ୍ରସିଦ୍ଧ ଡାକ୍ତର । ମୁଁ ହଡ଼ବଡ଼େଇ ଗଲ । କାରଣ ପ୍ରକୃତ ଡାକ୍ତରୀ ବେଉସା ମୁଁ ଦଶବର୍ଷ ତଳୁ ଛାଡ଼ି ସାରଲଣି । କହବା ବାହୁଲ୍ୟ ଡାକ୍ତରୀ ପଢ଼ିବାପରେ ମୁଁ ଡାକ୍ତରୀ ପେଷାକୁ ଆପଣେଇ ନାହିଁ । ଯଦଓ ଜ୍ୱର, ମୁଣ୍ଡବନ୍ଧା, ପେଟ ଗୋଳମାଳ ପର ଅତ ସାମାନ୍ୟ ରୋଗପାଇଁ କେବେ କେବେ ବନ୍ଧୁବାନ୍ଧବ, ପାଖ ପଡ଼ୋଶୀମାନେ ମୋ ପାଖରୁ ଔଷଧ ଲେଖାଇ ନେଇଛନ୍ତ । ନହେଲେ ବଡ଼ ବଡ଼ ଡାକ୍ତରଙ୍କ ଚଠ଼ି ପଢ଼ି ରୋଗ ପାଇଁ ଔଷଧ ଠିକ୍ ଅଛ କ ନାହିଁ ଆଉ କେଉଁ ଜଣାଶୁଣା ଡାକ୍ତରଙ୍କ ପାଖକୁ ଗଲେ ଶସ୍ତାରେ ସୁବଧାରେ ରୋଗ ଭଲ ହୋଇପାରବ, ସେଇଥିରେ ମୋ ଡାକ୍ତରୀ ବଦ୍ୟା ସୀମିତ । ପିଲାଟା ଯେତେବେଳେ ପ୍ରଶ୍ନଟା ପଗ୍ଚର ଦେଲାଣି ତାକୁ ତ ପୁଣି କଛ କହବାକୁ ପଡ଼ିବ । କନ୍ତୁ କହବ କଣ ? ଓଲଟି ତାକୁ ପଗ୍ଚରଲ - ଆଜ ହଠାତ୍ ଏ ପ୍ରଶ୍ନ କାହିଁକ ?

ସେ କହଲା - ତୁମେ ଆଗ କୁହତ, ତୁମେ କେଉଁ ଶ୍ରେଣୀରେ ଯିବ ? ନଜ ସଂସ୍କୃତ ଜ୍ଞାନର କଞ୍ଚିତ୍ ବ୍ୟବହାର କର ତାକୁ ବୁଝେଇବା ପାଇଁ କହଲ, ପ୍ରସିଦ୍ଧ ହେଉଛ ଛେନା ଉପସର୍ଗ ଗୁଡ଼ ଧାତୁରେ କଦଳୀ ପ୍ରତ୍ୟୟ ଆଉ ବଖ୍ୟାତ ହେଉଛ ଢେଙ୍କି ଉପସର୍ଗ ବଗ ଧାତୁରେ ଚକ

ପ୍ରତ୍ୟୟ । ତେଣିକି ତୁ ବିଗୁର କର, ମୁଁ କେଉଁଥିରେ ଯିବି ?

ସେ ଟିକିଏ ଚିନ୍ତା କରିବା ପରି ଲାଗିଲା, ବଡ଼ ଡାକ୍ତରଙ୍କ ଦର୍ଶନ ଆଗରୁ ସିନା ଇନ୍ଦ୍ର ଜହ୍ନ ଦର୍ଶନ ପରି ଥିଲା, ଏବେ କିନ୍ତୁ ପରିବା ବଜାରର ଜହ୍ନ ପରି । ସପ୍ତାହକୁ କିମ୍ବା ମାସକୁ ବିଶେଷତଃ ଶନିବାରିଆ ଓ ରବିବାରିଆ ପ୍ରସିଦ୍ଧ ବା ବିଖ୍ୟାତ ଡାକ୍ତରଙ୍କ ଦର୍ଶନ ପଞ୍ଚାୟତସ୍ତରରେ ମିଳିଯିବା ବଡ଼ କଥା ନୁହେଁ । ତୁ ୟା ଭିତରେ କୌଣସି ପ୍ରସିଦ୍ଧ ବା ବିଖ୍ୟାତ ଡାକ୍ତରଙ୍କ ସାନ୍ନିଧ ଲାଭ କରିଛୁ କି ବୋଲି ପଗ୍ଚରିଲି ।

ସେ କହିଲା - ନାଇଁ ଯେ ଭାଇନା । ଏବେ କାମରେ ଢେଙ୍କାନାଳ ଯାଉଥିଲି । ତୁମେ ତ ଜାଣିଥିବ ଢେଙ୍କାନାଳର ବରିର ନାଁ ଡାକ । ଢେଙ୍କାନାଳକୁ ନ ପଶୁଣୁ ବରି ଖାଇବାକୁ ମନ ହେଲା । ହେଲେ କେଉଁ ଦୋକାନକୁ ପଶିବି ଭାବି ଭାବି ରହିଗଲି । କେଉଁଠି ଢେଙ୍କାନାଳ ପ୍ରସିଦ୍ଧ ବରି ଦୋକାନ ତ କେଉଁଠି ଢେଙ୍କାନାଳ ବିଖ୍ୟାତ ବରି ଦୋକାନ ।

ତା ହେଲେ କଣ ବରି ଖାଇ ପାରିଲୁନି ? ଏତକ କହୁ କହୁ ମୋ ପାଟି ବି ଲାଳେଇଗଲା । ସେ କହିଲା - ତିନିଦିନ ରହିବା ଭିତରେ ଥରେ ବିଖ୍ୟାତ ଦୋକାନରୁ, ଥରେ ପ୍ରସିଦ୍ଧ ଦୋକାନରୁ ଆଉ ଥରେ ଗୋଟିଏ ଗୁଳିଆ ଦୋକାନରୁ ବରି ଖାଇଲି । ହେଲେ ବିଶ୍ୱାସ କରିବନି ଭାଇନା, ଗୁଳିଆ ଦୋକାନର ବରି ମୋତେ ସବୁଠୁ ଭଲ ଲାଗିଲା । ଏବେ ମୁଁ ଅଡୁଆସୂତାର ଖିଅ ପାଇଲି । ତୁରନ୍ତ କହିପକାଇଲି - ମୁଁ ବିଖ୍ୟାତ କି ପ୍ରସିଦ୍ଧ ନୁହେଁ । ମୁଁ ଗୁଳିଆ ଦୋକାନ ବରି ।

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବ ଜୀଉ
କେନ୍ଦ୍ରାପଡ଼ା, ଓଡ଼ିଶା
ମୋବାଇଲ୍ - ୯୯୩୭୩୭୪୩୪୨
ଇମେଲ୍ - dr.srmishra@gmail.com

# ଭ୍ରୂଣର ସ୍ୱର



ସୁଲୋଚନା ପଟ୍ଟନାୟକ

ଯଦ ଭୃଣଟିଏ କଥା କହପାରୁଥାନ୍ତା, ସେ କଣ କହନ୍ତା, ତାହା ଆମେ କେବଳ ଚନ୍ତା କରବା କଥା । ସେ ବଷୟରେ କଏ କେତେ ମତ ଦେବେ, ତାହା ଆମର କଳ୍ପନାରେ ସୀମାବଦ୍ଧ । ଭୃଣହତ୍ୟା ବାବଦୀୟ ଅନେକ ଲେଖା ପ୍ରକାଶ ପାଇଛ । ଅନେକ ମାଧ୍ୟମରେ ଏହାର ବହୁଳ ଭାବରେ ଆଲୋଚନା ମଧ୍ୟ ହୋଇଛ । ମୁଁ ଭଲ ଭାବରେ କହପାରେ, ଏହ ଆଲୋଚନା ଭବଷ୍ୟତରେ ମଧ୍ୟ ଜାର ରହବ । ଏହା ଅବଶ୍ୟ ମୋର ନଜସ୍ୱ ମତ । କେହ କେହ ଏହାର କାରଣ ବଷୟରେ ପ୍ରଶ୍ନ ମଧ୍ୟ କରପାରନ୍ତ । ଏହା ଏଭଳ ଏକ ଆଲୋଚନାର ବଷୟ ଯାହା ଏ ଯାବତ ସମାଧାନର ପନ୍ଥା ପାଇନାହିଁ କମ୍ବା ଏହା ଏକ ଅସମାଧାନୀୟ ସମସ୍ୟା । ଏହ ଅଭାବତ, ଅପ୍ରତ୍ୟାଶିତ ଏବଂ ଏକ ଦୃଷ୍ଟିରୁ କହଲେ ଏକ ଅବାଞ୍ଛିତ ପରସ୍ଥିତ । ଏହାର ମୂଳର ଠିକଣା ଅଛ, କନ୍ତୁ ଶେଷର ଠିକଣା କାହା ହାତରେ ଅଛ ତାହାର ଉତ୍ତର ଆମେ ଜାଣିଲେ ସୁଦ୍ଧା ଏହାର ସମାଧାନ କରପାରବା ନାହିଁ ।

ତେବେ ଭୃଣହତ୍ୟା ଜନତ ଘଟଣାରେ ସ୍ତ୍ରୀ ଲୋକଙ୍କୁ ସମାଲୋଚନା କରବା ପୂର୍ବରୁ ଆମର କ'ଣ ଉଚତ ନୁହେଁ, ତାହାର କାରଣ କଣ ଜାଣିବା ? କାହାକୁ ଆଙ୍ଗୁଠି ଦେଖାଇବା ଭାର ସହଜ ।

କାହାର ନିଷ୍ଠୁରତାର ମୂଲ୍ୟାୟନ କରିବା ବି ଅତ୍ୟନ୍ତ ସହଜ । କାରଣ ଏହି କାର୍ଯ୍ୟ ଯେ କରିଛି, ସେ ନିଶ୍ଚିତ ଭାବରେ ନିଷ୍ଠୁର ମନ ନେଇ କରିଛି । କିନ୍ତୁ କେଉଁ କାରଣ ତାହାକୁ ଏହିଭଳି କାର୍ଯ୍ୟ କରିବାକୁ ବାଧ୍ୟ କରିଛି, ତାହା ତା ବ୍ୟତୀତ ଅନ୍ୟ କେହି ଜାଣିବା ଅସମ୍ଭବ । କିନ୍ତୁ ଏହାର କାରଣର ମୂଳରେ କେବଳ ସ୍ତ୍ରୀ ବା ଝିଅଟିଏ ହିଁ ରହିଛି, ଏହି ଉକ୍ତି ସହ ମୁଁ କଦାପି ସହମତ ହୋଇପାରିବି ନାହିଁ । ଆମ୍ଭେମାନେ ସମସ୍ତେ ଜାଣୁ ଯେ ଏ ଭୃଣର ସୃଷ୍ଟି ଜଣକ ଦ୍ୱାରା ସମ୍ଭବ ନୁହେଁ । ସେହି ସୃଷ୍ଟିକର୍ତ୍ତାଙ୍କ ଅସ୍ୱାଭାବିକ ଘଟଣାସ୍ଥଳରୁ ପଳାୟନ ପାଇଁ ଦାୟୀ କିଏ ? ଏକ ପଳାୟନପନ୍ଥୀ ପୁରୁଷ କହିଲେ ଅତ୍ୟୁକ୍ତି ହେବନାହିଁ । ବିଶେଷ ଭାବରେ ଯେଉଁଠାରେ ପୁରୁଷ ଜାତିର ସ୍ଥାନ ଏ ସମାଜରେ ଉଚ୍ଚରେ ରହିଛି, ଯେଉଁଠି ସମାଜରେ, ପରିବାରରେ, ପ୍ରତ୍ୟେକ ଘରେ ଘରେ ପୁରୁଷ ହିଁ କର୍ତ୍ତା ଭାବରେ ପରିଗଣିତ, ସେ ଭଳି ସମାଜରେ ନାରୀ ଏକ ଅବଳା, ଦୁର୍ବଳା ଏବଂ ଅସହାୟ ସ୍ଥିତ ।

ଅଧୁନା ଏକବିଂଶ ଶତାବ୍ଦୀରେ ଆମ୍ଭେମାନେ ଆଜି ମଧ୍ୟ ନାରୀକୁ ତା ସ୍ୱଅର୍ଜିତ ସ୍ଥାନ ଦେଇପାରିନାହେଁ । ଆଜି ମଧ୍ୟ ନାରୀ ଅତ୍ୟାଚାରକୁ ବନ୍ଦ କରିବା ଭଳି କ୍ଷମତା କୌଣସି ସମାଜରେ ସୃଷ୍ଟି ହୋଇନାହିଁ, ସେଇଥି ପାଇଁ ଗଣଧର୍ଷଣ, ଯୌତୁକ ଜନିତ ହତ୍ୟା ଆଦି ଦିନକୁ ଦିନ ଘଟିବାରେ ଲାଗିଛି । ଚିରପରିଚିତ ଜ୍ଞାତି କୁଟୁମ୍ବ ଓ ବନ୍ଧୁ ମାନଙ୍କ ଦ୍ୱାରା ନାରୀ ମାନେ ଆଜିମଧ୍ୟ ଶାରୀରିକ ଓ ମାନସିକ ଭାବରେ ଅତ୍ୟାଚାରର ଶୀକାର ହେଉଛନ୍ତି । ଯେ କୌଣସି ବୟସରେ ଥିଲେ ସୁଦ୍ଧା ନାରୀ ସର୍ବଦା ନିର୍ଯ୍ୟାତନାର ପାତ୍ରୀ ହୋଇଛି । ଏଥିପାଇଁ କିଏ ଦାୟୀ ? ସଚେତନତା କାହାକୁ ଜରୁରୀ? ଯେତେବେଳ ସମୁଦାୟ ସମାଜ ନାରୀ ପରିପନ୍ଥୀ ସେତେବେଳେ କନ୍ୟାଟିଏ ନିଜ ଦୁଃଖ କାହାକୁ ଜଣାଇବ ? ଦୁର୍ବଳା ନାରୀର ସ୍ୱାର୍ଥ ରକ୍ଷା କରିବା ପରକଥା, ସମାଜର ବଡ଼ପଣ୍ଡାମାନେ ସେମାନଙ୍କୁ ପୁଣି ନିର୍ଯ୍ୟାତନା ଦେବାର ଦୃଷ୍ଟାନ୍ତ ରହିଛି । ସମାଜସେବୀ, ପୋଲିସ, ଅଦାଲତ ସବୁଠାରେ ନାରୀଙ୍କୁ ଅପମାନିତ କରିବାପାଇଁ

ଯଥେଷ୍ଟ ଉପାୟ ରହିଛି ।

କେଇ ବର୍ଷ ତଳେ ଭୁବନେଶ୍ୱର - କଟକ ଜାତୀୟ ରାଜପଥ ଉପରେ କେତେକ ଅସାମାଜିକ ଶ୍ରେଣୀର ବ୍ୟକ୍ତିଙ୍କ ଦ୍ୱାରା ଧର୍ଷିତା ହେବାପରେ ଅଭିଯୋଗ କରିବାପାଇଁ ଯେତେବେଳେ ଧର୍ଷିତା ଆଡ଼ଭୋକେଟ୍ ଜେନେରାଲଙ୍କ ପାଖକୁ ଯାଇଥିଲେ, ସେଠାରେ ସେ କେଉଁ ପ୍ରକାରର ଅଭ୍ୟର୍ଥନା ପାଇଥିଲେ ସେ ବିଷୟ ହୁଏତ ଅନେକେ ଭୁଲିନଥିବେ । ସୁରକ୍ଷା କବଚ ପିନ୍ଧି ଘରୁ ନ ବାହାରିଥିଲେ କେହି ତାକୁ ଘଣ୍ଟ ଘୋଡ଼େଇ ରଖିପାରିବେ ନାହିଁ । ନା ମୁଁ, ନା ଆପଣ, ନା ଏ ସମଜା ବା ଆମର ସାମାଜିକ ବ୍ୟବସ୍ଥା ।

ଏଭଳି ଅନେକ ଅଯାଚିତ ପରିପ୍ରେକ୍ଷୀରେ ପଡ଼ି ଯେତେବେଳେ ଝିଅଟିଏ ମାଆ ହେବାର ସୌଭାଗ୍ୟ ଲାଭକରେ ସେ ଖୁସିରେ ଉନ୍ମାଦିତ ହୋଇପାରେନା । ମାତୃତ୍ୱର ଆନନ୍ଦ, ନିରାଶାରେ ପରିଣତ ହୋଇଯାଏ । କିଏ ଗ୍ରହଣ କରିବ ତାକୁ ଏବଂ ତା' ସନ୍ତାନକୁ । କାହାକୁ କହି ଖୁସି ବାଣ୍ଟିବାର ସାହାସ ତାର ଅଛି ? ନିଜର ବାପା ମାଆ ମଧ ଏହି ସମୟରେ ଏକାକୀ କରି ଛାଡ଼ି ଚାଲିଯାଆନ୍ତି । ଏହି ମୁହୂର୍ତ୍ତରେ ସାହାଯ୍ୟର ହାତ ବଢ଼ାଉଥିବା ବ୍ୟକ୍ତି ଅନେକ ଆକ୍ଷେପର ଶୀକାର ହୁଅନ୍ତି । ଏଭଳି ପରିସ୍ଥିତିରେ ପଡ଼ିଥିବା ମହିଳା ପାଇଁ ଜୀବନ ଦୁର୍ବିସହ ହୋଇପଡ଼େ । ଯେତେବେଳେ ପରିବାର ଓ ସମାଜ ଉଭୟ ତାକୁ ପର କରିଦିଅନ୍ତି । ଏହାର ଶୀକାର ହୁଏ ଅନିଚ୍ଛା ସତ୍ତ୍ୱେ ମାତୃତ୍ୱ ଲାଭ କରିଥିବା ଝିଅଟିଏ ଏବଂ ତା'ର ଅଜନ୍ମିତ ସନ୍ତାନ । ବାରମ୍ବାର ପ୍ରତାରଣା ଓ ସାମାଜିକ ତାଡ଼ନାର ଶୀକାର ହୁଏ ସେ ।

ଆମେ ସମସ୍ତେ ଅନେକ କଥା କହିବା - ଅନେକ କୋଳାହଳ କରିବା । କିନ୍ତୁ ସମୟ ବେଳେ କେହି ଏ ସଂଘର୍ଷରେ ଯୋଗ ଦେବାନାହିଁ । ଦୁଃଖୀ ଝିଅଟିକୁ ସାହାଯ୍ୟ କରିବାକୁ କେହି ଆସିବେନି । ଏଭଳି ପରିସ୍ଥିତିରେ ଝିଅଟି କରିବ ବା କଣ ?

ତଥାପି କିଛି ଝିଅ ସାହାସ କରି ଧୈର୍ଯ୍ୟର ସହ ସବୁ ଦୁଃଖଦୁର୍ଦ୍ଦଶାକୁ ସମ୍ମୁଖୀନ ହେବାର

ଉଦାହରଣ ମିଳେ । କିନ୍ତୁ ସେମାନଙ୍କ ସଂଖ୍ୟା ନଗଣ୍ୟ । ଯେଉଁ କେତେଜଣ ଏଭଳି ସାହାସ କରିଛନ୍ତି ସେମାନେ ସମାଜ ଓ ପରିବାରରୁ ବାସନ୍ଦ ହୋଇ ନିରୁଦ୍ଦିଷ୍ଟ ଜୀବନ ବିତାଇବାକୁ ବାଧ୍ୟ ହୋଇଛନ୍ତି । ବିନା ସାହାଯ୍ୟରେ ଗୋଟିଏ ସନ୍ତାନର ଦେଖାଶୁଣା କରିବା ଏତେ ସହଜ ନୁହେଁ ।

ଆସନ୍ତୁ ଏକାଠି ହେବା । ଏ ସମାଜରେ ପରିବର୍ତ୍ତନର ସୁଅ ବହାଇଦେବା । ଅତୀତର ଭୂଲରୁ ଶିକ୍ଷା କରିବା । ଅସହାୟ ଅବସ୍ଥାରେ ଥିବା ସେହି ଝିଅଟିର ସ୍ଥାନରେ ନିଜକୁ ଦେଖିବା । ଆସନ୍ତାର ସମ୍ଭାବନା ଦେଖୁଥିବା ଏକ ଭୃଣ ରହିଛି କାହାର ଗର୍ଭରେ, ଆତ୍ମ ପ୍ରକାଶ ଅପେକ୍ଷାରେ । ଝିଅଟି କେବଳ ମାଧ୍ୟମ । ଜୀବଜଗତର ସୃଷ୍ଟିର ରହସ୍ୟ ଉନ୍ମୋଚନରେ ଉନ୍ମାଦ ହେବାର ସୁଯୋଗ ଉଠାଇବା । ଭୃଣହତ୍ୟାର କାରଣକୁ ତନ୍ନ ତନ୍ନ କରି ପରୀକ୍ଷା କରିବା । ଯେତେବେଳେ ସମସ୍ତ ସମ୍ଭାବନାର ଦ୍ୱାର ରୁଦ୍ଧ ହୋଇଯିବ । ଆମକୁ ତଥାପି ମନେ ରଖିବାକୁ ହେବ ଗୋଟିଏ ଦ୍ୱାର ସମସ୍ତଙ୍କ ପାଇଁ ସବୁବେଳେ ଉନ୍ମୁକ୍ତ । ସେଇ ଭଗବାନଙ୍କ ଆଶୀର୍ବାଦ ନେଇ ଭୃଣରୁ ଜୀବଟିଏ, ଏବଂ ଜୀବରୁ ଆତ୍ମାର ପ୍ରକାଶ କରିବା । ଏହାହିଁ ତ ଜୀବନ ରହସ୍ୟ । ଆସନ୍ତୁ କାରଣ ହେବା, ଭୃଣର ସ୍ୱର ଉତ୍ତୋଳନ କରିବା ।

ଏଲିକଟ୍‌ସିଟି, ମ୍ୟାରିଲାଣ୍ଡ
ଆମେରିକା
suepatnaik@msn.com

# କବତା ସୁନ୍ଦରୀ



ଲକ୍ଷ୍ମୀଧର ମହାରଣା

ନଶ୍ୱର ଜୀବନ ଯାତର୍ ପଥରେ ତୁମେ
ପ୍ରଣୟର ସାଥୀ ହେଲ ମରମର୍ତ୍ତ୍ୟ ଭୂମେ ।
ଦେହ ସ୍ୱର୍ଣ୍ଣପାତ୍ରୁ ପିଆଇ ପ୍ରୀତର ସୂର୍
ମତୁଆଲ୍ ମୋତେ ମସ୍ତିରେ କଲ ପର୍ ।
ସୁର୍ସକ୍ତ କବ ଅଭଲାଷ ମଧୁଶାଳା
ତୁମେ ପୁଣି ତା'ର ସୁନ୍ଦରୀ ସାକୀବାଳା ।
ବଭୋରତା ପଣେ ରଙ୍ଗୀନ କଲ ଆଖି
ପୁଲକେ ରଙ୍ଗେ ସଜ କବତାକୁ ମାଖି ।
କବତା ମାଳାରେ ଜୀବନର କଥା ବ୍ୟଥା
କୁମ୍ଭରେ କରେ ଭରପୂର ଜଳ ଯଥା ।
କବତା ତୃଷାରେ ଆକୁଳ ପାଠକ ପାଇଁ
ପଥଦେଖେ ତା'ର ପ୍ରତୀକ୍ଷାରେ କବ ଗୃହିଁ ।

କବତା ସୁନ୍ଦରୀ ବରଣମାଳାଟି ଧର
ପ୍ରେମ ବନ୍ଧନେ ପ୍ରିୟଜନେ ନେବ ବର ।

# ମୃତ୍ୟୁ ନୁହେଁ ରହସ୍ୟ



ନରେଶ କୁମାର ବେହେରା

ମନେ ଅଛି ମୋର...
ସୂର୍ଯ୍ୟର ଫଗୁଣ ରଶ୍ମୀକୁ ଘେରଥିଲା ଅନ୍ଧାର
ବଢ଼ିଥିଲା ଜୁଆର, ଦୋହଲଲା ଅମ୍ବର
ଅକାତକାତ ଜଳରେ ମୋତେ କଲ ଅଥୟ
ରଚଦେଲ ଇତହାସ, ସେ ଆୟର୍ଲାଣ୍ଡ ନାବକର ।

ପୁଣି ମୋତେ କଲ ଜନ୍ମ, ଦେଲ ପରଚୟ ରଜ ଉଆସର
ଯୌବନର ଅସୀମ ତୃଷ୍ଣାରେ, ଥିଲା ମୋ ପ୍ରୀୟା
ମୋତେ ଦେଲ ଭର, ଗଢ଼ିବାକୁ ଏକ ସାମ୍ରାଜ୍ୟର
ନା କରଲ ପୁରା ସେଇ ତୃଷ୍ଣାର
ନା ହେଲା ମୋର ସେଇ ସାମ୍ରାଜ୍ୟ
ମନେ ଅଛି ମୋର...
ମରୁଭୂମିର ଉତପ୍ତ ବାଲୁକାରେ
ମୋତେ କଲ ବୀର, ଖଡ଼ଗରେ କାଟି ଗଳା ମୋର ।

ମୋର ଅନଛା ସତ୍ତ୍ୱେ, ପୁଣି ଦେଲ ଏକ ଜୀବନ

ପାଇଥିଲି ସୁନ୍ଦର ଶରୀର, ଜ୍ଞାନ ଭଣ୍ଡାରର
ବାନ୍ଧିଥିଲି ଆଶା, ହେବାପାଇଁ ଲୀନ
ହୋଇ ଯେ ସଂଯମ, ଛାଡ଼ି ସେ ସାଂସାରିକ ଜୀବନ
ମନେ ଅଛି ମୋର...
ସ୍ନାନ ସାରି ଜଳ ଅର୍ଘ୍ୟରେ ତୁମର,
ଶରୀର - ଆହାର ଏକ ବ୍ୟାଘ୍ରର ।

ତୁମେ କ'ଣ ଜାଣ, ଏ ସବୁ ରହସ୍ୟ
ମୁଁ ଅବା ନ ଜାଣେ ମୋ ମୃତ୍ୟୁର
ଯଦି ଦେଲ ତୁମେ ମୋତେ ଏ ଜନମ
ଛାଡ଼ିଦିଅ ଚିନ୍ତା ମୋ ମୁକ୍ତିର ।
ନିନ୍ଦୁନି ତୁମକୁ ଏଇ ଜନ୍ମଫଳ ପାଇଁ
ମୁଁ ଜାଣେ ଏ ତ ଫଳ କର୍ମର
କରିଛି ପ୍ରଣୟ, ହୋଇଛି ଅଟଳ
ଏ ମରଣ କିନ୍ତୁ ମୋ ଇଚ୍ଛାର ।

ଛତ୍ରପୁର, ଗଞ୍ଜାମ, ଓଡ଼ିଶା
ଦୂରଭାଷ - ୭୮୦୯୮୭୨୪୮୩

# ଦର୍ପଣ



ସୁଶାନ୍ତ ପୁରୋହିତ

ହେ ମଣିଷ,
ତୁମେ ତମସାର ଘୋର ଅନ୍ଧାରରେ ହଜିଯାଇଥିବ
କପଟି ଦୁନିଆର କୃର ଚକ୍ରରେ ପରାସ୍ତ ହୋଇଥିବ
ନିରାଶାର ନାଗଫାସ ଭିତରେ ହୋଇଥିବ ଅଣନିଃଶ୍ୱାସୀ,
ବିଶ୍ୱାସଘାତକତାର ବନ୍ଧନରେ ଛନ୍ଦି ହୋଇଥିବ ।
ଆସ, ଦର୍ପଣ ଦେଖ...
ଦର୍ପଣ ତ କେବେ ମିଛ କହେ ନାହିଁ ।
ତୁମ ନିଜ ଚେହେରା ହିଁ ଦେଖାଇବ,
ଯନ୍ତ୍ରଣାର ଧୁଳି ଆଉ ହତାଶାର ଦାଗ ସବୁ
ତୁମ ମୁହଁରେ ପ୍ରତିଫଳିତ ହେଉଥିବ,
ଧୋଇନିଅ ମୁହଁକୁ ଆଶାର ଶୀତଳ ଜଳରେ
ଆଉ ପୋଛିନିଅ ଦମ୍ଭର ସଫେଦ ତଉଲିଆରେ ।
ଲିଭିଯାଉ ସବୁ ନିରାଶାର ଦାଗ, ହତାଶାର ଚିହ୍ନ
ଆଗେଇ ଚାଲି ଆଗକୁ ଦର୍ପର ସହ ।
ଅନ୍ତହୀନ ରାସ୍ତା ସରିନାହିଁ, ସରିବ ବି ନାହିଁ
ତେବେ ଦାଗ ରହିବନି, କପାଳର କୁଞ୍ଚନ ବି ।

ଅବସରପ୍ରାପ୍ତ ଅଧ୍ୟକ୍ଷ,
ସମ୍ବଲପୁର

# ଜୀବନ ଯାତନା



ସାଗରିକା ବିଶ୍ୱାଳ

ଆସିଥିଲ ଜୀବନେ ମୋ,
ପ୍ରୀତିର ମହକ ନେଇ
ମନ ମୋ ଭରିଲ ସାଥୀ
ମଧୁର ସପନ ଦେଇ ।
ଭାବିଥିଲି ଦୁନିଆଟା,
ଫଗୁଣର ମଧୁଗୀତ
ହେନେ ପୁଣି ଏକା କରି
ବାହୁଡ଼ିଗଲ ହେ ସାଥୀ ।
ବଞ୍ଚିବା ବାହାନା କରି,
ମରମେ ମରମେ ମରେ
ଏ ଜୀବନ କଣ୍ଠ ନୁହେଁ
ଭରି ଖାଲି ଯାତନାରେ ।
ଆଗକୁ ପଡ଼ିଛି କେତେ
ଦୂର ଏ ଅଜଣା ପଥ,
ଘନ ଅନ୍ଧାରରେ ଏକା
କେମିତି ଚାଲିବ ମିତ ?

# ସିନ୍ଦୁର



କମଳାକାନ୍ତ ସୁବୁଦ୍ଧି

ସିନ୍ଦୁର ଟୋପାଏ ବଦଳାଇ ଦିଏ
ନାରୀର ଜନ୍ମଜାତକ
ଟୋପାଏ ସିନ୍ଦୁର କି ମାୟା ଯେ ଥାଏ
ପର ହୁଏ ନିଜ ଲୋକ ।
ମାଆ ବାପା ସିନା ଜନମ ଦିଅନ୍ତି
ସିନ୍ଦୁର କରମ ଦିଏ,
କାଲିଥିଲା ପର ଆଜି ଆପଣାର
ସିନ୍ଦୁର କରେଇ ନିଏ ।
ସିନ୍ଦୁରର ରଙ୍ଗ ସିନ୍ଥିରେ ଲାଗିଲେ
ନାରୀ ହୁଏ ଭାଗ୍ୟବତୀ,
ସିନ୍ଦୁର ନାରୀକୁ ଉପହାର ଦିଏ
ତା'ପାଇଁ ଜୀବନସାଥୀ ।
ସିନ୍ଦୁର ନାଇଲେ ନାରୀ ଜୀବନରେ
ଆସଇ ପରିପକ୍ୱତା
ବିନା ସିନ୍ଦୁରରେ ନାରୀ ବଞ୍ଚିବାରେ
ନିମଠୁ ଅଧିକ ପିତା ।

ନଇର, ଖୋର୍ଦ୍ଧା, ଓଡ଼ିଶା

# ଘୃଣା



ରେହ୍ୱତ ନାଗେଶ

ଭୁଲଗଲ ସିନା ତୁମକୁ କେବେ ଠୁଁ

ଭୁଲଗଲ ତୁମ ପ୍ରେମକୁ,

ଭୁଲନ ଏ ଯାଏଁ, କାହିଁକ କେଜାଣି

ଘୃଣା କରବାକୁ ତୁମକୁ ।

ଘୃଣାରେ ହେଲେ ବ ମନେ ତ ପଡୁଛ

ଘୃଣା କ ସାଜବ ପ୍ରେମ

ତୁମ ପ୍ରେମ ଠାରୁ ତୁମ ଘୃଣା ମୋତେ

ଭଲଲ୍‌ଗେ ଶତଗୁଣ ।

ଏ ଘୃଣା କ ସତେ ନଆର୍ ଘୃଣା

ଘୃଣାରେ ବ ଆତ୍ମୀୟତା

ଘୃଣାରେ ଘୃଣାରେ ସାଜଲ୍‌ଣି ବୋଧେ

ତୁମେ ମୋ ମନ ଦେବତା ।

# କେମିତ ଅଛ ପାରିବ କି ତୁମେ କହ



ଗୋହିତ ନାଗେଶ

ଫେରୁଛ ଅତୀତ ବ୍ୟଥିତ ସହରୁ ଅଣନିଶ୍ୱାସୀ ହୋଇ

'ହେ ବର୍ତ୍ତମାନ' କେମିତ ଅଛ ପାରିବ କି ତୁମେ କହ ।

ହାହାକାରର ଜନଗହଳରେ ସେହି କରୁଣ ଚିତ୍କାର

ତଥାପି ନାହିଁ ଆଶ୍ୱାସନାର କା' ମୁଖେ କଥା ମଧୁର ।

ସ୍ୱର ବି ଅଛି ଗୀତ ବି ଅଛି ଦରଦ କେବଳ ନାହିଁ

'ହେ ମୋର ସଂଗୀତ' କେମିତ ଅଛ ପାରିବ କି ତୁମେ କହ ।

ଭାବନା କଳ୍ପନା ଅନୁଭବେ ବନେ କଣ୍ଟକିତ କେତେ ପଥ

ଭ୍ରମଣ କରିଛି ଚମ୍ବଲ ଘାଟି ହେଉନି ମୁଁ ପୁଲକିତ ।

ଫେରୁଛି ଏବେ ମୁଁ ଯଥାର୍ଥ ଭାବକି କେବଳ ତୁମର ପାଇଁ

'ହେ ମୋର ସ୍ୱପ୍ନ' କେମିତ ଅଛ ପାରିବ କି ତୁମେ କହ ।

ସ୍ୱାର୍ଥମେଧ ଯଜ୍ଞେ ନରବଳି ଦେଇ କରନ୍ତି ସ୍ୱାର୍ଥ ସାଧନ

ସହରେ ଖାଲି ରକ୍ତର ହୋଲି ଖେଳନ୍ତି ଅସାଧୁ ଜନ ।

ଶାନ୍ତି ଖୋଜନ୍ତି ଯୁଦ୍ଧ ମାଧ୍ୟମେ ଶୁଣିଛ କି କେବେ ଭାଇ

'ହେ ମୋ ପ୍ରିୟ ଗାଁ' କେମିତି ଅଛ ପାରିବ କି ତୁମେ କହି ।

ଭଦ୍ରମୁଖା ପିନ୍ଧି ଅଭଦ୍ର ଶାସକେ ଅଙ୍ଗୁଳି ନିର୍ଦ୍ଦେଶରେ

କୋଟି ଦ୍ରୌପଦୀଙ୍କ ବସ୍ତ୍ର ହରଣ କରନ୍ତି ଏଇ ଯୁଗରେ ।

ଫେରୁଛି ଏବେ ମୁଁ ସେ କୁରୁସଭାରୁ ଇନ୍ଦ୍ରପ୍ରସ୍ଥ ଲୋଡ଼ା ନାହିଁ

'ହେ ପାଞ୍ଚପଡ଼ା' କେମିତି ଅଛ ପାରିବ କି ତୁମେ କହି ।

ହୋଟେଲ୍ ପାର୍କର ଅଶ୍ଳୀଳତାରେ ଟିକେ ଦେହସୁଖ ପାଇଁ

ଅସଂଯତେ ଏଠି ଯୁବକ ଯୁବତୀ ସଂକୋଚ ବି କିଛି ନାହିଁ ।

ପ୍ରେମର ସଂଜ୍ଞା ପ୍ରେମ ପରିଭାଷା ସହରେ ପାଇବ କାହିଁ

'ହେ ମୋର ପ୍ରେମିକା' କେମିତି ଅଛ ପାରିବ କି ତୁମେ କହି ।

# ଗାଉଁଲି ବାପାକୁ ସହରୀ ପୁଅର ଚିଠି



ପ୍ରଶାନ୍ତ କୁମାର ନାଥ

ସହରରେ ରହି ପଢୁଥିଲା ପୁଅ
ବାପାକୁ ଲେଖିଲା ଚିଠି
ପାଠ ପଢ଼ାପଢ଼ି କରନ୍ତି ମୋହର
ବନ୍ଧୁଛି କମର ପିଠି ।
ସେଥିପାଇଁ ମୁଁ ସାଥୀଟେ ବାଛିଛି
ରହିବ ମୋର ସାଥିରେ
ଚିପିଗୃପି ଦେବ କମର ପିଠି ମୋ
ଶୋଇବି ମୁହିଁ ଶାନ୍ତିରେ ।
ସିଏ ତ ଅଟଇ କ୍ଲାସ ମେଟ୍ ମୋର
କିଛି ଅସୁବିଧା ନାହିଁ
ଘଷିମୋଡ଼ି ଦେବ ହଇତ ସିଏ ତ
ଆନନ୍ଦେ ପଡ଼ିବ ଶୋଇ ।
ବୁଝିପାରିଲାନି ବାପଟି ତାହାର
ଗାଉଁଲି ମଣିଷଟିଏ
ଭାବିଥିଲା ପୁଅ ସାଥିରେ ରହିବ
ସାଥି ପୁଅ ପିଲାଟିଏ ।
ଚିଠିର ଉତ୍ତର ଲେଖିଥିଲା ସିଏ
ସାଥିରେ ରହିବୁ ତାର
ମିଳିମିଶି ହିତ ଚଳିବୁ ତା ସାଥେ
ଯେମିତ ଗୋଟିଏ ଘର ।

ବାପାର ଉତ୍ତର ପାଇ ସାର ପୁଅ
ସାଥିରେ ବାଛି ଆଣିଲା ।
ଗୋଟିଏ ରୁମରେ ତା ସାଥିରେ ରହି
ଶାନ୍ତିରେ ଶୋଇପାରିଲା ।
କିଛି ଦିନ ପରେ ବାପାକୁ ଲେଖିଲା
କେବେ ତ କରିବ ବାହା
ବିବାହ ଆଗରୁ ବୋହୁ ତ ତୁମର
ହେବାକୁ ଯାଉଛି ମାଆ ।
ଲିଭ୍ ଇନ୍ ରିଲେସନ୍‌ସିପ୍ ଆମର
ଯାଇଛି ଆଗକୁ ବଢ଼ି
ବିବାହ ଆଗରୁ ସଂସାର ଆମର
ଆମେ ତ ଦେଇଛୁ ଗଢ଼ି ।
ତୁମେ ଦେଇଥିଲ ଅନୁମତି ମୋତେ
ସାଥିରେ ରହିବା ପାଇଁ
ପାଖେ ରହି ଝିଅ ତରଳି ଯାଉଛି
ନିଅ ଗୋ ଏବେ କୋଳେଇ ।
ଗାଉଁଲି ବାପର ମୁଣ୍ଡରେ ଏ କଥା
କିଛି ତ ପଶିଲା ନାହିଁ
ଗୃହୁଁ ଗୃହୁଁ ଆଖି ବୁଜିଦେଲା ସିଏ
ପୁଅର ଚିଠିଟା ପାଇ ।

ସୁନ୍ଦରପୁର, ଉତ୍ତରକୂଳ ହାଟ,
ପ୍ରୀତିପୁର, ଯାଜପୁର
ଦୂରଭାଷ : ୮୮୯୨୩୦୧୧୪୩

# ପଲିଟିକାଲ୍ ପ୍ରେମିକା ପ୍ରତି



ଡ: କୁଳାଙ୍ଗାର

*ବିଜେଡ଼ି ପ୍ରେମିକ*

ହେ ଭୋଟର ପ୍ରିୟା,

ତୁମେ ମୋ ଜୀବନବନ୍ଧୁ

ତୁମେ ମୋର ବଳ;

ତୁମେ ମୋର ଶଙ୍ଖଧ୍ୱନୀ

ମୁଁ ତୁମର ଦଳ !

ଗ୍ୱଉଳ, କମ୍ବଳ ଛତା

କେତେ ନେବୁ ନେ,

ଆଜୀବନ ଭୋଟରୂପୀ

ପ୍ରେମ ମୋତେ ଦେ;

ସାକ୍ଷୀଥାଆନ୍ତୁ ଛାତ୍ରଛାତ୍ରୀ,

ଭାଲେଣ୍ଟାଇନ୍ ଡେ ।

*କଂଗ୍ରେସ୍ ପ୍ରେମିକ*

ହାତ ମୁଁ ଟେକୁଛି ହେଲେ

ଭଲପାଇ ଭୁଲିଗଲୁ

ହେ ଭୋଟର ଏକ୍ସ-ଗାର୍ଲଫ୍ରେଣ୍ଡ୍;

ମୁଁ ତୋତେ ଦେଇଥିଲି

ସୂଚନାର ଅଧିକାର ଟ୍ରେଣ୍ଡ !

ମୋ ଘରେ ବସିଛି ଦେଖ

ଗାନ୍ଧୀ ନାତିଟୋକା,

ବ୍ୟାଚେଲର୍ ବୋଲୁଭୋଲୁ

ଦେଖିବାକୁ ଗୋରା;

ଅନେଇଛି କେତେବେଳେ ଚାହିଁବୁ

ତୁ ହେଲେ ଟିକେ ଫାଙ୍କା ।

*ବିଜେପି ପ୍ରେମିକ*

ଧନ୍ୟବାଦ ହେ ଭୋଟର ପ୍ରିୟା

ତୋ ପ୍ରେମକୁ ପାଇ ମୁଁ

ଆଜି ମାରେ ଡିଆଁ;

ଭଲଦିନ ଆସେ କହି

ପାଇଲି ତୋ ଛୁଆଁ ।

ଅବଶ୍ୟ ଜାଣିଛି ପଛେ

ହେଉଛୁ ତୁ ହଇଆଁ,

ଧୈର୍ଯ୍ୟଧର ଏତେ ତୁ

ମନଭଙ୍ଗୁ ଅଡ଼ୁଛୁ କିଆଁ ?

ମୋଦ ଆମ ବ୍ୟାଚେଲର
ଦନେ କରବେ କମିଆ ।

## କମ୍ୟୁନଷ୍ଟ ପ୍ରେମିକ

ହେ ଭେଟର ହେ କପଡ଼ାହୀନା
ଦୂର୍ବଳ ମୁଁ ତୋତେ ଝୁର
ଜୀର୍ଣ୍ଣଶୀର୍ଣ୍ଣ ଦଶେ ତୋ ବନା;
ପୁଞ୍ଜିବାଦୀଙ୍କୁଇଁ ଗ୍ଡି଼
ଟିକେ ମୋ ଆଡ଼କୁ ଅନା ।
ତଳସ୍ତରରୁ ଲେ଼ ତୋତେ
ପ୍ରାଚୁର୍ଯ୍ୟକୁ ମୁଁ ଉଠେଇବ,
ପିଇବାକୁ ନାଲ ଗୃହା
ଖାଇବାକୁ ଚୁଡ଼ାଭଜା ଦେବ;
ଗୃହିଁଦେ ଥରେ, ରେଗାକ୍ରାନ୍ତ
ମୁଁ କେତେଦନ ଜୀଇଁବ ।

ଦୂରଭଷ : ୯୩୩୮୫୮୧୩୦୯

# ଦୁଇଟି ଅଣୁଗଳ୍ପ



ମଧୁମିତା ମହାନ୍ତ (ମିତୁ)

## *ଉପସଂହାର*

ଲୁହ ସାଲୁବାଲୁ ଆଖିରେ ଜେଜେମା ଅନେଇଥିଲା ସ୍ୱାତୀ ଆଡ଼କୁ । ଦୁର୍ଗନ୍ଧରେ ନାକ ଫାଟି ଯାଉଥିଲା । ବିଛଣାସାରା, ଝାଡ଼ା । ସ୍ୱର୍ଣ୍ଣଙ୍କର ଚିତ୍କାର ଆକାଶ ଛୁଉଁଥିଲା । 'ମନା କରୁଛ, ଇଯ୍ୟାଡୁ ସିଯ୍ୟାଡୁ ଗିଳନ । ଏଇ ବୟସରେ ବି ଲୋଭ ଛାଡ଼ିପାରୁନ ? ଲୁଚେଇ ଲୁଚେଇ ମାଛଭଜା ଗୁଡ଼ା ଗିଳିଦେଲ ? ସେଦିନ ସେମିତି ଆଳୁଚପ୍ ଖାଇ ମୋତେ ଯାବତ୍ ହଇରାଣ କଲ । କିଏ ସଫା କରିବ ଏଇନେ ? ଏଗୁଡ଼ା ? ? ହଁା ?'

ମାମା ଆଡ଼କୁ ଥରେଟେ ଅନେଇଦେଇ ସ୍ୱାତୀ ବିହୁଗୁଡ଼ା ଏକରକମ ଫୋପାଡ଼ିଦେଲା ଟେବୁଲ୍ ଉପରକୁ । ଜେଜେମାର ମୁହଁକୁ ଚାହିଁ ଧରି କହିଲା, 'କାହିଁକି ଏମିତି କରୁଛୁ ଲୋ ? କେତେ ଗାଳି ଶୁଣୁଛୁ । ତୁ ପରା କାହିଁ କେତେ ଯୁଗରୁ ଆଇଁଷ ଛାଡ଼ି ଦେଇଥିଲୁ ?'

'ଧନରେ ଗଲା ବେଳକୁ ମନ ଡାକୁଛି । କେତେକଷ୍ଟରେ ମଣିଷ ଜନ୍ମଟେ ପାଇଛି । ଆସନ୍ତା ଜନ୍ମ କଣ ପାଇବି - ପୋକ କି ପଶୁ ହେବି ଜଣାନାହିଁ । ଭାବୁଛି - ଟିକେ ସବୁ ଜିନିଷ ତୁଣ୍ଡରେ ଦେଇଥାଏ । ସମ୍ଭାଳି ପାରୁନାହିଁ ଲୋ...' ତା କଣ୍ଠର କମ୍ପନରେ କମ୍ପିଗଲା ସ୍ୱାତୀର ପୁରା ଶରୀରଟା, ଗୋଡ଼ଠୁ ମୁଣ୍ଡଯାଏଁ ।

- ୦ -

## ପେନ୍‌ସନ

ନଉଟନ୍‌ଙ୍କ ତୃତୀୟ ନିୟମ ବୁଝଉ ବୁଝଉ ହଠାତ୍ ମଝିରେ ଚଗଲା ଟୋକାଟା କହିଲା, 'ବାପା - ମାସକୁ ମାସ ମୋତେ ଦଶହଜାର ଟଙ୍କା ଦେବ ? ନହେଲେ ଆଠ ?'

ଚମକ ପଡ଼ି ପଗ୍ଭରିଲି, 'କଣ କହୁଛୁ ? କଣ କରିବୁ ତୁ ଏତେ ଟଙ୍କା ?'

'ଖର୍ଚ୍ଚ କରିବିନି ମ ସବୁ ରଖିଥିବି । ମୁଁ ଗ୍ଭକରୀ କଲେ ସେଥିରେ ଠିକ୍ ସେତକ ଟଙ୍କା ମିଶେଇ ତୁମକୁ ଧରେଇ ଦେବି । ବୁଢ଼ା ବେଳେ ଯୁଆଡ଼େ ଯିବ ଯାଅ ।' ପୁଅ ଆଖିରେ ଅଦ୍ଭୁତ ଏକ ଦୃଷ୍ଟି ।

'ମାନେ ?' ତଥାପି ବୁଝି ପାରୁନଥିଲି ମୋ ପୁଅର କଥା ।

'ଆଜି ଆମ ସାର୍ ମାନେ କଥା ହେଉଥିଲେ, ସରକାର କୁଆଡ଼େ ସେମିତି କରୁଛନ୍ତି । ସାରାଜୀବନ ଖଟିଲା ପରେ ସବୁ ମାସ ନିଜ ଦରମାରୁ କଟି କଟି ରହିଥିବା ଟଙ୍କାରେ ଆଉ କିଛି ଟଙ୍କା ମିଶେଇ ଧରେଇ ଦେଉଛନ୍ତି । ପେନ୍‌ସନ୍ ନାହିଁ । ସବୁ ଆୟୁଷ ସରକାରଙ୍କ ପାଇଁ ଦେଲାପରେ ଏଇଟା ବୃଦ୍ଧାବସ୍ଥାର ପୁରସ୍କାର - ଯେତେବେଳେ ଟିକେ ସାହାର ଦରକାର ସାହସ ଦରକାର । ମୁଁ ବି ତା ହେଲେ ସେଇୟା କରିବି ।' ମୁଁ ଅନେଇଥିଲି - ଟୋକାଟା ନିଜେ କହୁଛି ଏ କଥା ନା କାହାଠୁ ଶୁଣିଛି ମ... ।

ଅଧ୍ୟାପିକା, ଯୋଡ଼ା ମହିଳା ମହାବିଦ୍ୟାଳୟ
ବନେଇକଳା, ଯୋଡ଼ା
କେନ୍ଦୁଝର - ୭୫୮୦୩୮

# ଓଡ଼ିଆ ଘରର ପାଇକ ପୁଅ



ଅନାମ ଚରଣ ସାହୁ

ଓଡ଼ିଆ ଘରର ପାଇକ ପୁଅ ମୁଁ
ଇତିହାସ ଅଛି ସାକ୍ଷୀ
ମାତୃଭୂମି ଲାଗି ଦେଇଛି ଜୀବନ
ଧଉଳି ପାରିଛି ଦେଖି ।
ଶୋଣିତ ମୋହର ଦୟା ନଦୀ ଧାର
ଲୋହିତ ରୂପକୁ ଧରି
ଗର୍ବ, ଅହଂକାର କରିଅଛି ଚୂର
ଚଣ୍ଡାଶୋକଟିକୁ ମାରି ।
ସତ୍ୟ ଅହିଂସାର ବାଣୀ କରି ସାର
ମାନବେ ଈଶ୍ୱରମାନି,
ଧରମ ଅଶୋକ ନାମରେ ବିଖ୍ୟାତ
ଦେଖିଛି ନୟନ ବେନି ।
ଆଣି ଗଉରବ ଉତ୍କଳମାତାର
ଦେଶ ସେବାକରି ବ୍ରତ
ଶାନ୍ତି, ମୈତ୍ରୀର ବିଜୟ କେତନ
ବାହିଛି ଆନନ୍ଦଭରି ।

ବଭୁତପୁର, କାକଟପୁର, ପୁରୀ
ଦୂରଭାଷ - ୯୯୩୭୨୧୦୨୬୦

# ସାବତ୍ରୀ



ମାଧବ ଚନ୍ଦ୍ର ଜେନା

ଯୁଗର ବବର୍ତ୍ତନବାଦରେ

ଶ୍ୱାଶରୁଦ୍ଧ ମୋ ଶରୀର ।

ବଦଳଛ ସହର, ସରକାର

ପଢାଘର ଓ ଇଶ୍ୱର ।

ମାଟି ନାହିଁ ମାଟି ଘର ନାହିଁ ,

କାଠ ନାହିଁ କାଠି ନାହିଁ ,

ଯମ ନାହିଁ ,

ସତ୍ୟବାନର ଶରୀର ନାହିଁ ,

ତାର ଅତ୍ମା ଫାତ୍ମା ବ କଛ ନାହିଁ ।

ବଂଚ ରହଚ ଖାଲ ଯାହା

ଗଦା ଗଦା ମୋ ଅହଂକାର ।

# ଦୁଇଟି କ୍ଷୁଦ୍ରଗଳ୍ପ



## *ଶାଗୁଣା*

ଅରବିନ୍ଦ ଦାସ

ହେଇଟି ଶୁଣୁଛ ? ଦୁନିଆରୁ ଶାଗୁଣାଙ୍କ ବଂଶ କାଳେ ଲୋପ ପାଇବାକୁ ବସିଲାଣି ବୋଲି ପେପରରେ ବାହାରିଛି । ଇୟେ କି ଅଲଗା କଥା ? ଶାଗୁଣା ନଥିଲେ ମଢ଼ କଏ ଖାଇବ ?

ସ୍ତ୍ରୀ ମମତାଙ୍କ କଥା ଶୁଣି ନିରୁତ୍ତର ଥିଲେ ପ୍ରମୋଦବାବୁ । ପୁଣି ନିଜକୁ ବୁଝାଇଲା ପରି ମମତା କହିଉଠିଲେ, ହଁ, ଆଜିକାଲି ତ ଶ୍ମଶାନରେ ଇଲେକ୍ଟ୍ରି ଚୁଲ୍ହା ହୋଇଗଲାଣି । ପାଞ୍ଚ ମିନିଟରେ ସବୁ ଜଳିପୋଡ଼ି ପାଉଁଶ । ପଶୁପକ୍ଷୀଙ୍କ ମୃତ ଓ ଅନ୍ୟାନ୍ୟ ଆବର୍ଜନାରେ ବିଷାକ୍ତ ରାସାୟନିକ ଜିନିଷ ରହିଛି ବୋଲି ପେପରରେ ବାହାରିଛି । ବିଚରା ଶାଗୁଣାପଲ ଖାଇବେ କ'ଣ ?

ମ୍ୟାଗାଜିନଟା ବନ୍ଦ କରି ସ୍ତ୍ରୀଙ୍କ ମୁହଁକୁ ସିଧା ଚାହିଁଲେ ପ୍ରମୋଦ । ତାଙ୍କର ଦୁଇପୁଅ ଓ ଗୋଟିଏ ଝିଅ, ସମସ୍ତେ ବିବାହ କରିସାରିଛନ୍ତି । ଘରେ କେବଳ ବୁଢ଼ାବୁଢ଼ୀ ଦୁଇଟି ପ୍ରାଣୀ । କ୍ଷତିରେ ଚାଲୁଥିବା ସରକାରୀ ନିଗମରୁ ଦଶବର୍ଷ ତଳେ ସ୍ୱେଚ୍ଛାକୃତ ଅବସର ନେଇଥିଲେ ପ୍ରମୋଦ । ଦୀର୍ଘ ଦିନ କୋର୍ଟ୍ କଚେରୀ ଦୌଡ଼ି ଦୌଡ଼ି ଅନେକ କଷ୍ଟ କଲାପରେ, ଦୁଇଦିନ ତଳେ ତିରିଶ ଲକ୍ଷ ଟଙ୍କା, ପେନ୍‌ସନ, ଗ୍ରାଚ୍ୟୁଇଟି ଇତ୍ୟାଦି ବାବଦରେ ମିଳିଥିଲା ବୋଲି

ଖୁସିଥିଲେ ସମସ୍ତେ ।

ପ୍ରମୋଦ ଗମ୍ଭୀର ସ୍ୱରରେ କହିଲେ, 'କାଲି ରାତିରେ ବୁନୁ ଫୋନ୍ କରିଥିଲା । ପ୍ରାଇଭେଟ୍ ମେଡ଼ିକାଲ୍ କଲେଜରେ ତମ ନାତି ଟୋକାଟା ପଢ଼ିବାପାଇଁ ବର୍ଷକୁ ସାତ ଲକ୍ଷ ଡୋନେସନ୍ ଦରକାର । ମୋତେ ଟଙ୍କା ମାଗୁଥିଲା । ତମ ସାନ ପୁଅର କଣ୍ଟ୍ରାକ୍ଟି ବିଜିନେସ୍ କାଳେ କ୍ଷତିରେ ଚାଲୁଛି । ଦଶଲକ୍ଷ ଟଙ୍କା ଦରକାର ବୋଲି ଜିଦ୍ କରି କହୁଥିଲା ।'

ସମ୍ବାଦ ପତ୍ରଟା ବନ୍ଦକରି ନିଜ କୋଳରେ ରଖି ମମତା କହିଲେ, 'ତମ ଗେହ୍ଲା ଝିଅ, ଜ୍ୱାଇଁଙ୍କୁ ନେଇ ଖବରବେଳେ ପହଞ୍ଚୁଛି । ଦୁଇଭାଇଙ୍କ ଟଙ୍କା ଦାବୀ କଥା ଶୁଣି ମୋତେ କହିଲା ଜ୍ୱାଇଁଙ୍କର ଭଲ କାର ଦରକାର । ବାପାଙ୍କ ସବୁଟଙ୍କା କଣ କେବଳ ଦୁଇଭାଇ ନେଇଯିବେ ? ମୋର କଣ କିଛି ଅଧିକାର ନାହିଁ ?'

ଏକ ଶୁଖିଲା ହସ ମୁହଁରେ ଖେଳାଇ ପ୍ରମୋଦ ପଚାରିଲେ, 'ତମେ କଣ କହିଲ ?'

'ମୁଁ କାହାରିକୁ କିଛି କହିନି । ହେଲେ ତମ ରିଟାୟାରମେଣ୍ଟ ଟଙ୍କା ଗୁଡ଼ାକ ପିଲାମାନେ ନେଇଗଲେ ଆମେ ଚଳିବା କେମିତି ?'

ଦୀର୍ଘଶ୍ୱାସଟେ ଛାଡ଼ି ଆକାଶକୁ ଚାହିଁ ପ୍ରମୋଦ କହିଲେ, 'କିଏ କହିଲା ଦୁନିଆରୁ ଶାଗୁଣାଙ୍କ ବଂଶ ଲୋପ ପାଇଲାଣି ବୋଲି ? ଶାଗୁଣାକୁ ଆମେ ଶଙ୍ଖଚିଲ ବୋଲି ଭାବୁଛୁ । ଆଜିକାଲି ଶାଗୁଣାବି ଶାଗୁଣାଙ୍କ ମାଂସ ଖାଇବାକୁ ପଛାଉନାହାନ୍ତି ।'

ସ୍ୱାମୀଙ୍କ କଥା ଶୁଣି ବୋକିଙ୍କ ଭଳି ଆକାଶକୁ ଅନେଇଥିଲେ ମମତା ।

- O -

*ଠିକଣା*

ଏଣିକି ସବୁଦିନ ଅପରାହ୍ନରେ ଗୋବିନ୍ଦ ବାବୁ ଦାଣ୍ଡ ବାରଣ୍ଡାରେ ବସି ଅପେକ୍ଷା କରିଥାନ୍ତି ଡାକବାଲା ଦୀନବନ୍ଧୁର ଆସିବା ବାଟକୁ । ଚିଠି ଥାଉକି ନଥାଉ ଗତ କିଛି ମାସ ହେଲାଣି ଏ ଏରିଆକୁ ନୂଆ ବଦଳି ହୋଇ ଆସିଥିବା ଦୀନବନ୍ଧୁ ରବିବାରକୁ ଛାଡ଼ି ସବୁଦିନ ଅଧଘଣ୍ଟାଏ ଗପ ଜମାଏ ଗୋବିନ୍ଦ ବାବୁଙ୍କ ସହିତ ।

ବୟସର ସାୟାହ୍ନରେ ବୋଧେ ସବୁ ମଣିଷ ଚାହେଁ ନିଜ ମନକଥା କାହା ଆଗରେ ଖୋଲି କହିବା ପାଇଁ । ନିଜ ସୁଖ ଦୁଃଖ ବାଣ୍ଟିବା ପାଇଁ ଲୋଡ଼େ ସମବୟସ୍କ ଦରଦୀ ବନ୍ଧୁଟିଏ । ଯିଏ ତା କଥା ଶୁଣିବାକୁ ଆଗ୍ରହ ଦେଖାଉଥିବ, ହସି କରି ପଦେ ଦିପଦ ପଚାରୁଥିବ । କିନ୍ତୁ ଆଜିର ଏ ମେସିନ୍ ଯୁଗରେ ଏଭଳି ମଣିଷ ସହଜରେ ମିଳୁଛନ୍ତି କେଉଁଠି ? ଗୋବିନ୍ଦ ବାବୁ ବୋଧେ ଏମିତି ଏକ ବନ୍ଧୁର ଆତ୍ମାକୁ ଆବିଷ୍କାର କରିଥିଲେ ଦୀନବନ୍ଧୁ ଭିତରେ । ଦୀନବନ୍ଧୁ ଆପତ୍ତି ଜଣାଇଲେ ସୁଦ୍ଧା, ଜବରଦସ୍ତି କରି କେଉଁ ଦିନ ଚାହା ତ କେବେ ସରବତ ପିଆନ୍ତି ଗୋବିନ୍ଦ ବାବୁ । ଖରାରେ ବୁଲିବୁଲି ଏ ବୁଢ଼ା ବୟସରେ ତମେ ତ ହାଲିଆ ହୋଇଯାଉଥିବ । ଥଣ୍ଡା ପାଣି ଟିକେ ପିଇ ଦିଅ, ଗୋବିନ୍ଦ ବାବୁ କହନ୍ତି ।

ପ୍ରଥମ ଦିନ ଦୀନବନ୍ଧୁ ପଚାରିଥିଲା, ଘରେ କଣ ଆପଣ ଏକୁଟିଆ ରହୁଛନ୍ତି ? ପିଲାପିଲି ନାତିନାତୁଣୀଙ୍କୁ ତ ଦେଖୁନି ।

ଦୀର୍ଘ ନିଶ୍ୱାସ ଛାଡ଼ି ଗୋବିନ୍ଦ ବାବୁ କହିଲେ, ସ୍ତ୍ରୀ ଆରପାରିକି ଚାଲିଗଲା ପରେ ଉପର ମହଲାଟା ଭଡ଼ା ଦେଇ, ତଳ ମହଲାରେ ଚାକର, ପୂଜାରୀ ସହ ରହୁଛି ।  ପିଲାମାନେ ନିଜ ପରିବାର ସହ ବିଦେଶରେ । ବର୍ଷକୁ ଥରେ ଆସନ୍ତି । ମୋର ଏ ଅବସ୍ଥାରେ ସେଠାକୁ କେମିତି ଯିବି ? ତାଛଡ଼ା ନିଜଘର ମାୟା କଣ ଛାଡ଼ି ହେଉଛି ? ସେଇ ଫୋନ୍ ଓ ଇଣ୍ଟରନେଟ୍‌ରେ ଯାହା କଥାବାର୍ତ୍ତା, ଦେଖା ଚାହାଁ ।

ହୁଇଲ୍ ଚେୟାରରେ ବସିଥିବା ଗୋବିନ୍ଦ ବାବୁଙ୍କ ମନୋବଳ ବଢ଼ାଇବା ପାଇଁ ଦୀନବନ୍ଧୁ କହିଲା, ଆପଣଙ୍କ ଦେହ ଭଲ ହୋଇଗଲେ ସେମାନଙ୍କ ପାଖକୁ ଯିବେ । ପିଲାମାନେ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ । ବାପା, ମା ହିସାବରେ ସେମାନଙ୍କ ମଙ୍ଗଳକାମନା ଆମେ କରୁ । ତେଣିକି ସେମାନଙ୍କ କର୍ତ୍ତବ୍ୟ ।

ଗୋବିନ୍ଦଙ୍କ ମନଟା ପୁରି ଉଠେ । "ବୁଝିଲ ଦୀନବନ୍ଧୁ, ବେଳେବେଳେ ଇଚ୍ଛା ହୁଏ ପିଲାଙ୍କୁ ବେଶୀ ପଢ଼େଇ ବିଦେଶ ପଠାଇ ମୁଁ ଭୁଲ୍ କରିଛି । ସେମାନେ ଯଦି ଏଇଠି ଥାଆନ୍ତେ ତେବେ ମୋରି ପାଖରେ ରହିଥାନ୍ତେ ଏବଂ ସବୁଦିନ ଦେଖୁଥାନ୍ତି ପିଲାଙ୍କୁ, ନାତିନାତୁଣୀଙ୍କୁ ।"

ଟିକିଏ ସମୟ ଭାବିଲା ଦୀନବନ୍ଧୁ । ତାପରେ କହିଲା, ସେମିତି ଭାବନ୍ତୁନି । ଆପଣଙ୍କ ପିଲାମାନେ ବିଦେଶରେ ଅଛନ୍ତି ଏବଂ ତାଙ୍କୁ ଦେଖିପାରୁ ନାହାନ୍ତି ବୋଲି ମନଦୁଃଖ କରୁଛନ୍ତି । କିନ୍ତୁ ଥରେ ଭାବନ୍ତୁ ତ, ଯଦି ସେମାନେ ପାଖରେ ଥାଇ ଆପଣଙ୍କୁ ପଗ୍ଚରୁନଥାନ୍ତେ ଅଥବା ଏଇ ସହରରେ ଅଲଗା ଘର ନେଇ ରହି ଥାଆନ୍ତେ, ତେବେ ଆପଣଙ୍କୁ କେତେ ଦୁଃଖ ହୋଇଥାନ୍ତା ?

ଏଇ ସମୟରେ ଉପର ମହଲାରେ ଭଡ଼ାରେ ରହୁଥିବା ଭଦ୍ରବ୍ୟକ୍ତି ନିଜ ସ୍ତ୍ରୀ ଓ ଗ୍ଛୋଟ ପୁଅକୁ ଧରି ବାହାରିଗଲେ ।

ଗୋବିନ୍ଦ ବାବୁ କହିଲେ, ପିଲାଟା ବ୍ରିଲିଆଣ୍ଟ ଷ୍ଟୁଡେଣ୍ଟ । ଗୋଟେ ବଡ଼ କମ୍ପାନୀରେ ମ୍ୟାନେଜର ଅଛି । ମୋ ପୁଅ ହେଲେ ଏମିତି ଗୋଟେ ଗ୍ଚାକିରୀ କରି ଏଇଠି ରହିଥାନ୍ତା ! ବୁଢ଼ା ବୟସରେ ବାପ, ପୁଅଙ୍କର ସମାନ ଠିକଣା ରହିଲେ କେତେ ଭଲ ହୁଅନ୍ତା କହିଲ ?

ଏକ ଲୟରେ ଦୀନବନ୍ଧୁ ଚୁପ୍‌ଗ୍ଚାପ୍ ଅନେଇଥିଲା ଗେଟ୍ ଦେଇ ବାହାରି ଯାଉଥିବା କାର୍ ଟିକୁ । କୋହମିଶା ସ୍ୱରରେ କହିଲା, “ଇଏ୍ୱ ମୋ ପୁଅ, ବୋହୂ, ନାତି । ବଡ଼ଘର, ଉଚ୍ଚ ଷ୍ଟାଟସ୍ ଝିଅ ବୋଲି ଶାଶୁ ସହ ପଡ଼ିଲାନି ମୋ ବୋହୂର । ପୁଅ ବି ପଗ୍ଚରୁନି ଆମକୁ । ପୋଷ୍ଟ ପିଅନର ପୁଅ ବୋଲି ପରିଚୟ ଦେବାକୁ ତାକୁ କାଳେ ଲାଜ ମାଡୁଛି । ମୋ ମନମାନୁନି ବୋଲି ଦୂରରୁ ନାତିକୁ ଦେଖିବା ବାହାନାରେ ଆପଣଙ୍କ ଘରେ ସବୁଦିନ ମୁହଁ ମାରିଦେଇ ଯାଏ ।”

ଆବାକାବା ହୋଇ ଅନେଇଥିଲେ ଗୋବିନ୍ଦ ବାବୁ, ଦୀନବନ୍ଧୁ ହୃଦୟ ଭିତରେ ଲୁଚିଥିବା ଏ ଅସଲି କଥାଟା ଶୁଣି । ଆଖିରୁ ଲୁହ ପୋଛି ପକାଇ ଦୀନବନ୍ଧୁ ପୁଣି କହିଲା, “ଖାଲି କଣ ଇଚ୍ଛା କଲେ ବାପ-ପୁଅଙ୍କର ଠିକଣା ସମାନ ହୋଇଯାଏ ? ଦେଖୁନାହାନ୍ତି ମୁଁ ଗୋଟାଏ କେମିତିକା ଅସହାୟ ଡାକବାଲା ଯିଏ ନିଜ ପୁଅର ଅସଲି ଠିକଣାକୁ ଖୋଜି ହେଉନି ।

ଫ୍ଲାଟ୍ - ୧୦୩, ହୋରିଇଜନ୍ ଏନକ୍ଲେଭ୍,
ମହାରାଣୀ ପେଟା, ବିଶାଖାପାଟଣା - ୫୩୦୦୦୨
ଦୂରଭାଷ - ୦୯୧୭୭୬୦୫୧୦୫

# ପଟ୍ଟାଙ୍ଗୀର ମନ୍ଦିର



ଲଙ୍ଗରଜ ପ୍ରସାଦ ଅମୂଲ୍ୟ ପଟ୍ଟନାୟକ

ଆନ୍ଧ୍ରପ୍ରଦେଶର ପ୍ରମୁଖ ସହର ବଶାଖାପାଟଣାଠାରୁ ୨୦୦ କମି ଉତ୍ତରକୁ ଏବଂ ଓଡ଼ିଶାର ଦକ୍ଷିଣରେ ଥିବା ସୋମପେଣ୍ଠଠାରୁ ମାତ୍ର ୧୮ କଲୋମିଟର ଦୂରରେ ପୂର୍ବଘାଟ ମହେନ୍ଦ୍ରଗିରର ପାଦଦେଶରେ, ମହେନ୍ଦ୍ରତନୟା ନଦୀର ତନୋଟି ପ୍ରଶାଖାର ମିଳନ ସ୍ଥଳରେ ଅବସ୍ଥିତ ସ୍ୱାମୀ ପୋଟ୍ଟେଶ୍ୱରଙ୍କ ମନ୍ଦିର, ଐତହାସିକ କଳଙ୍ଗ ସାମ୍ରାଜ୍ୟର ଏକ ପ୍ରମୁଖ କୀର୍ତ୍ତିରଜ । ପ୍ରତବର୍ଷ ଶିବରତ୍ରୀ ଅବସରରେ ଲକ୍ଷାଧିକ ଭକ୍ତ ମହେନ୍ଦ୍ରତନୟା ନଦୀରେ ସ୍ନାନ କର ପୋଟ୍ଟେଶ୍ୱର ମହାପ୍ରଭୁଙ୍କ ଦର୍ଶନ କରନ୍ତ । ଏହ ମନ୍ଦିରର ନର୍ମାଣ କାଳ ବଷୟରେ ସଠିକ ଐତହାସିକ ଲଖିତ ପୋଥି କଛି ନଥିବା ହେତୁ ଏହା ବବାଦାସ୍ପଦ । କଛି ଐତହାସିକଙ୍କ ମତରେ ଏହ ମନ୍ଦିରର ନର୍ମାଣ ଚତୁର୍ଥ ଖ୍ରୀଷ୍ଟାବ୍ଦରେ ହୋଇଥିଲ । କନ୍ତୁ ଏହାର ପୁନଃନର୍ମାଣ ପୁରୀର ତତ୍କାଳୀନ ଗଜପତ ରଜାଙ୍କ ଦ୍ୱାର ୧୧୪୪ ଖ୍ରୀଷ୍ଟାବ୍ଦରେ ହୋଇଥିଲ ବୋଲ ମଧ କୁହାଯାଏ । ଏହ ମନ୍ଦିରରେ ଏକ ଶିଳାରେ ନର୍ମିତ ସାତ ଫୁଟ ଉଚ୍ଚତା ବଶିଷ୍ଟ ଶିବଲଙ୍ଗ ରହଛି । ମନ୍ଦିରର ନର୍ମାଣ ରେଖା ଶୈଳୀରେ ହୋଇଛି, ଯାହା ଅତୀତ କଳଙ୍ଗର ଶିଳ୍ପଐତହ୍ୟର ବୈଶିଷ୍ଟ୍ୟ ଭାବରେ ପରଗଣିତ । ମନ୍ଦିର ଗାତ୍ରରେ ନର୍ମିତ ଶିଳାକୃତରେ କଳଙ୍ଗ ମନ୍ଦିର ନର୍ମାଣର ରୂପ ଭଲଭାବରେ ଦେଖିହୁଏ । ଅବଶ୍ୟ ଅନେକ ଶତାବ୍ଦୀର

ମୂକସାକ୍ଷୀ ଏହି ମନ୍ଦିରର ଅନେକ ପାର୍ଶ୍ୱଦେବୀଦେବତାଙ୍କ ମୂର୍ତ୍ତି ଭଗ୍ନ ଅବସ୍ଥାରେ ଥିବାର ଦେଖାଯାଏ । ଆମର ଗୌରବମୟ ଐତିହ୍ୟର ସାକ୍ଷୀ ଏହି ମନ୍ଦିରର ସ୍ଥାୟୀ ସଂରକ୍ଷଣ ହେତୁ କେହି ଯତ୍ନଶୀଳ ହେବାପରି ଲାଗନ୍ତି ନାହିଁ ।

ମନ୍ଦିରର ପ୍ରବେଶ ଦ୍ୱାରରେ ପ୍ରସ୍ତର ଖୋଦିତ ଶିଳାଲେଖରୁ ଏହି ମନ୍ଦିରର ବୈଶିଷ୍ଟ୍ୟ ସହଜରେ ପ୍ରତିପାଦିତ ହୋଇଥାଏ । ପ୍ରବେଶ ଦ୍ୱାରରେ ନଅ ଧାଡ଼ିରେ ଲେଖାଥିବା ବେଳେ ଏଥିରୁ ଗୋଟିଏ ଧାଡ଼ି ବର୍ତ୍ତମାନ ଅବକ୍ଷୟ ହୋଇ ଯାଇଛି । ଏହା ତତ୍କାଳୀନ ଟେକଲି ଗଡ଼ର ରାଜା ଶ୍ରୀ ଲକ୍ଷ୍ମୀ ନାରାୟଣ ହରିଚନ୍ଦ୍ର ପଢ଼ିଥିଲେ ।

୧. ଶ୍ରୀ ଶ୍ରୀ କଳିଯୁଗ ଗତେ ୪୪୭୭

୨. ଶ୍ରୀ ଶ୍ରୀ ବେଣୁଦେବଙ୍କ ୭୯ ସାହି

୩. ମକର ଶୁକ୍ଳ ୧୪ ଭଣ (ଭଣ ବାରେ ଦାନ୍ତି ଗଡେସ୍ଥ);

୪. ରାଉତ ଗ୍ରାମ ଭୋଗ ୧୮ କ ପୁତ୍ର;

୫. ପୌତ୍ର କ୍ରମ ଦେବ ଜେମା ।

ମନ୍ଦିରର ପ୍ରମୁଖ ବିଶେଷତା ମଧ୍ୟରେ ଗୋପୁରମର ଅବସ୍ଥିତି ରହିଛି । ଏହା ଅନ୍ୟ ମନ୍ଦିରମାନଙ୍କ ପରି ପୂର୍ବମୁଖୀ ନ ହୋଇ ପଶ୍ଚିମମୁଖା ହୋଇ ରହିଛି । ମନ୍ଦିର ମହେନ୍ଦ୍ରଗିରି ପର୍ବତମାଳାକୁ ମୁଖ କରି ରହିଛି । ଯାହା ପୂର୍ବଭାରତରେ ଏକ ପ୍ରମୁଖ ଧାର୍ମିକ ସ୍ଥଳ ।

*ପୌରାଣିକ ବୈଶିଷ୍ଟ୍ୟ :*

ରାମାୟଣ, ମହାଭାରତ ଏବଂ ଭାଗବତ ସମେତ ପ୍ରାୟ ଅଧିକାଂଶ ପୁରାଣରେ ଏହା ବର୍ଣ୍ଣନା ରହିଛି ଯେ ଶିବ ମହେନ୍ଦ୍ରଗିରିକି ଧ୍ୟାନ କରିବାପାଇଁ ଉଚିତ ସ୍ଥାନ ଭାବରେ ନିର୍ଣ୍ଣୟ କରିଥିଲେ । କୁହାଯାଏ ଅତୀତରେ ଏଠାରେ ଅଗଣିତ ଶିବଲିଙ୍ଗ ସ୍ଥାପନ ହୋଇଥିଲା । କୁହାଯାଏ ପୂଜା ପାଇଁ ରଖାଯାଇଥିବା କୁଶକୁ ଗୋଟିଏ ଗାଇ ଖାଇଦେବାପରେ କ୍ରୋଧିତ ଶିବ ଗାଇକୁ ସମୁଦ୍ରକୁ ଫୋପାଡ଼ି ଦେଇଥିଲେ ଏବଂ ସେହି ଗାଇର ପେଟ ବା ଅନ୍ତଭାଗ ଯେଉଁଠାରେ ପଡ଼ିଥିଲା ସେହି ସ୍ଥାନକୁ ଆଜି ପଟାଙ୍ଗୀ ଭାବରେ ସମସ୍ତେ ଜାଣନ୍ତି । ଯେଉଁ ସ୍ଥାନରେ ଗାଇର ପାକସ୍ଥଳୀ ପଡ଼ିଥିଲା,





ସେଇଠି ଏକ ଶିବଲିଙ୍ଗର ଆବିର୍ଭାବ ହୋଇଥିଲା ଏବଂ ତାହା ପୋଟେଶ୍ୱର ଭାବରେ ପରିଚିତ ହେଲେ । ଗାଇର କର୍ଣ୍ଣ (କାନ) ମହେନ୍ଦ୍ରଗିରି ଉପରେ ପଡ଼ିଥିଲା ଏବଂ ସେଠାରେ ଗୋକର୍ଣ୍ଣେଶ୍ୱର ମନ୍ଦିର ନିର୍ମାଣ ହୋଇଥିଲା ।

ଅନ୍ୟ ଏକ ପୌରାଣିକ କଥା ଅନୁସାରେ ନିଜ ପିତାଙ୍କ ଶ୍ରାଦ୍ଧ ନିମନ୍ତେ ଆବଶ୍ୟକ ଗଣ୍ଡା ମାଂସ ପରିବର୍ତ୍ତେ ଅର୍ଜୁନ ଗୋଟିଏ ଗାଇକୁ ହତ୍ୟା କରିଥିଲେ ଏବଂ ସେ ଏହାକୁ ଗୁମ୍ଫାରେ ଲୁଚେଇ ରଖିଥିଲେ । ପରେ ସେ ଏହାକୁ ସମୁଦ୍ରରେ ନିକ୍ଷେପ କରିଥିଲେ । ଗାଇର ପାକସ୍ଥଳୀ ପୋଟାଙ୍ଗୀରେ ପଡ଼ିଥିଲା । ପାଣ୍ଡବ ମାନଙ୍କ ଏତାଦୃଶ ପାପ ପାଇଁ ସମସ୍ତ ଦେବୀଦେବତା, ଶିବ, ଶକ୍ତି, ସାଧୁସନ୍ଥମାନେ ଆସି ଏଠାରେ ଯଜ୍ଞ କରିଥିଲେ ।

ମୂଳ ଇଂରେଜୀ ଆଲେଖ୍ୟର ଓଡ଼ିଆ ଭାଷାନ୍ତରଣ - ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# କଙ୍କାଳ



ରବୀନ୍ଦ୍ର ପାଣିଗ୍ରାହୀ

ମୁଠାଏ ଦାନା ପାଇଁ ଘୁରବୁଲୁଛି ଜୀବନ
କେଇ ଖଣ୍ଡ ପିଞ୍ଜର ଭିତରୁ ଥରଯାଉଛି ହୃତପିଣ୍ଡ ।
ଶୁଖି କଳାକାଠ ପଡ଼ିଗଲାଣି ମନ ଆଉ ଶରୀର
କାହାର ପରଶ ଛୁଆଁରେ କୁରୁଳ ଉଠୁଛି ଜୀବନ ।
ଏଠି ଆଶାର ଆଷାଢ଼ରେ ପୋଡ଼ିଯାଉଛି ଯୌବନ
ସେଠି ପ୍ରତିଟି ମୁହୂର୍ତ୍ତରେ ଉଲଗ୍ନ ହେଇ ଯାଉଛି ଜୀବନ ।
ପୋଡ଼ା ବଳତା ପରି ପଡ଼ିରହିଛି ନଈଟିଏ
ସେଠି ସାଗରର ତାଣ୍ଡବଲୀଳାରେ ଭସି ଯାଉଛି ଜୀବନ ।
ମରିଯାଉଛି ମନ,
ତଥାପି, ତଥାପି ବଞ୍ଚିବାର ଅଭିଳାଷ ନେଇ
ଆଗକୁ ଆଗକୁ ମାଡ଼ି ଯାଉଛି ଦୁଇଟି ପାଦ ।
ଏଠି କାହାପାଇଁ ଝରଉ ଏ ଲୋତକ
ସେଠି ଅଚନ୍ଦ୍ରା ନଦରେ ଶୋଇଗଲାଣି ସମୁଦ୍ର ।
ଦେହ ବିକା ଉପାର୍ଜନରେ କଟେନା ଜୀବନ

ଲଣ୍ଠନ ଆଲୁଅରେ କମ୍ପା ଆଶାର ଆଲୋକରେ

ଲୁଚେନା ଅନ୍ଧାର ।

ତଥାପି... ତଥାପି ବଙ୍କୁଲ ବାଡ଼ିର ଭରସାରେ

କଟିଯାଉଛି ଜୀବନ ଯୌବନ ।

ଇନ୍ଦ୍ରଧନୁର ଧନୁତୀରରେ ଶିକାର ହେଉଛି ଶିଶୁଶାବକ

ପାହାଡ଼ ଦେହରୁ କଟି ଗଲାଣି ଜୀବନ ବୃକ୍ଷ ।

କାହାପାଇଁ ପାଇବାର ଆଶା ନେଇ ଘୁରବୁଲେ ଜୀବନ

ସାଥିହୀନ ସାଥିଭଳ ନରଖରେ ଫେରଆସେ ମନ ।

ଆଜ କାହାର ଅପେକ୍ଷାରେ କଟି ଯାଉଛି ଦନ

କାଲ କାହାର ଛୁଆଁରେ ପାଇଥିଲା ଏ ଜୀବନ କଂକାଳ ।

ଆଶାର ଆକାଂକ୍ଷାରେ ଲାଗିଗଲାଣି କଳଙ୍କ

ପବନରେ ଭସି ଆସୁଛି ବାରୁଦର ଗନ୍ଧ ମିଛଟାରେ କହୁଛି

ଏଇ ଦେଖ ବାରୁଦ ନୁହେଁ, ଏ ଭଜା ମାଟିର ଗନ୍ଧ ।

ନନ୍ଦିଘୋଷ ନୁହେଁ ତୋର ନମ୍ବକାଠର କଂକାଳ

ଜଳ, ବାୟୁ, ଅଗ୍ନିରେ ଗଢ଼ା ତୋର ଏ ଶରୀର

ନାଁ ତାର କଂକାଳ... ହଁ ହଁ, ନାଁ ତାର କଂକାଳ ।

ଇମେଲ୍ - panigrahy.rabindra19@gmail.com

ଦୂରଭାଷ - ୯୫୯୪୫୧୦୭୯୪

# ପ୍ରକୃତରେ ରସଗୋଲା କାହାର ?



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବଙ୍ଗାଳୀମାନେ ଦାବୀ କରୁଛନ୍ତି ଯେ ରସଗୋଲ୍ଲା ସେମାନଙ୍କ ପ୍ରସ୍ତୁତ, ଆମେ କହୁଛୁ ଆମର ।

ବିଗତ କେଇ ମାସ ହେଲା ଗୋଟିଏ ପ୍ରଶ୍ନକୁ ନେଇ ଦୁଇ ପଡ଼ୋଶୀ ରାଜ୍ୟ ପରସ୍ପର ସହ ପ୍ରତିଦ୍ୱନ୍ଦିତା କରିବାର ଅବସ୍ଥାରେ ଆସି ପହଞ୍ଚି ଯାଇଛନ୍ତି । ସୂଚନାଯୋଗ୍ୟ ଯେ ଓଡ଼ିଶାର ଉତ୍ତର ପୂର୍ବରେ ସ୍ଥିତ ପଶ୍ଚିମବଙ୍ଗର କିଛି ବୁଦ୍ଧିଜୀବିଙ୍କ ମତରେ ରସଗୋଲା ବା ରେସୋଗୋଲ୍ଲା ଏକ ସମ୍ପୂର୍ଣ୍ଣ ବଙ୍ଗାଳୀ ମିଠା ଏବଂ ଏହାର ପ୍ରସ୍ତୁତି ପଶ୍ଚିମ ବଙ୍ଗରେ ହିଁ ହୋଇଥିଲା । ସେମାନଙ୍କ ମତରେ ଆଧୁନିକ ରସଗୋଲ୍ଲାର ଜନ୍ମ ପଶ୍ଚିମ ବଙ୍ଗରେ ୧୮୬୮ ମସିହାରେ ହୋଇଥିଲା ।

ଏହି ତଥ୍ୟ ଉପସ୍ଥାପନ କରିବା ପରେ ଓଡ଼ିଶା ସରକାର ଏହାର ତଦନ୍ତ କରିବା ଏବଂ ପ୍ରକୃତରେ ରସଗୋଲାର ଉତ୍ପତ୍ତି କେଉଁଠି ହୋଇଥିଲା ସେହି ବିଷୟରେ ଜଣାଇବା ପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତକାରୀ କମିଟି ଗଠନ କରିଥିଲେ । ସୁଖର ବିଷୟ ଏହି ଅଳ୍ପଦିନ ତଳେ ହିଁ ଏହା ଆବିଷ୍କାର କରାଯାଇଛି ଯେ ରସଗୋଲା ଏବଂ ଛେନା ଜାତୀୟ ପ୍ରାୟ ଅଧିକାଂଶ ମିଠାର ବର୍ଣ୍ଣନା ଆମ ଭାଷା ସାହିତ୍ୟର ଅନେକ କୃତିରେ ରହିଛି, ସେଥିମଧ୍ୟରେ ବଳରାମ ଦାସଙ୍କ ପ୍ରସିଦ୍ଧ 'ଦାଣ୍ଡି ରାମାୟଣ' ପ୍ରମୁଖ ।

ପଶ୍ଚିମବଙ୍ଗର ବୁଦ୍ଧିଜୀବିମାନେ ଦେଉଥିବା ଯୁକ୍ତି ବନାମ ଓଡ଼ିଆ ଗବେଷଣାରୁ ଯାହା ପ୍ରତିପାଦିତ ହେଉଛି, ବଙ୍ଗାଳୀମାନେ କରୁଥିବା ଦାବୀ ଯେ ରସଗୋଲା ସେମାନଙ୍କ ନିଜସ୍ୱ ଏକ ଅବାନ୍ତର ଯୁକ୍ତିମାତ୍ର, କାରଣ ସେମାନେ ଯେବେଠାରୁ ଏହା ପ୍ରସ୍ତୁତ ହୋଇଥିବା କଥା କହୁଛନ୍ତି ତାହାର ଅନ୍ୟୁନ ସାଢ଼େ ତିନିଶହ ବର୍ଷ ତଳର ଓଡ଼ିଆ ସାହିତ୍ୟରେ ଏହା ବିଷୟରେ ବର୍ଣ୍ଣନା ରହିଛି ।

ଆଶ୍ଚର୍ଯ୍ୟର କଥା ହେଉଛି, ରସଗୋଲାକୁ ବଙ୍ଗାଳୀ ବୋଲି ପ୍ରମାଣିତ କରିବାପାଇଁ ବଙ୍ଗାଳୀ ଲେଖକ ଶ୍ରୀ ହରିପଦ ଭୌମିକ କେଇ ପାଦ ଆଗକୁ ଯାଇ ଏକ ପୁସ୍ତକ ପ୍ରକାଶିତ କରିଛନ୍ତି । ଅଗଷ୍ଟ ୨୦୧୫ରେ ପ୍ରକାଶିତ ଏହି ପୁସ୍ତକକୁ ସେ ନାମ ଦେଇଛନ୍ତି, 'ରସଗୋଲ୍ଲା - ବାଂଲାର ଜଗତ୍‌ମାତାନୋ ଆବିଷ୍କାର' । ଅର୍ଥାତ ବଙ୍ଗଳାର ଜଗତ ଆଦର ପାଇଥିବା ଆବିଷ୍କାର ରସଗୋଲା । ଲେଖକଙ୍କ ଯୁକ୍ତି ହେଉଛି ଯେ ରସଗୋଲା ପାଇଁ ଆବଶ୍ୟକ ଉପାଦାନ ଛେନା ହେଉଛି ଏକ ବଙ୍ଗାଳୀ ଶବ୍ଦ ଯାହା 'ଛିନା'ରୁ ଉଦ୍ଧୃତ ।

ଓଡ଼ିଆ ଭାଷାରେ ପ୍ରକାଶିତ କେତେକ ମୁଖ୍ୟ ପୁସ୍ତକ ଯେଉଁଥିରେ ଛେନା ଏବଂ ରସଗୋଲା ସମ୍ବନ୍ଧରେ ଉଲ୍ଲେଖ ରହିଛି;

୧. ଦାଣ୍ଡୀ ରାମାୟଣ - ବଳରାମ ଦାସ

୨. ସାରଳା ମହାଭାରତ - ସାରଳା ଦାସ

୩. ଅମ୍ବିକା ବିଳାସ - ବ୍ରଜନାଥ ବଡ଼ଜେନା

୪. ବିଦଗ୍ଧ ଚିନ୍ତାମଣି - ଅଭିମନ୍ୟୁ ସାମନ୍ତସିଂହାର

ଦାଣ୍ଡୀ ରାମାୟଣର ଅଯୋଧ୍ୟା କାଣ୍ଡରେ, ରାମ ବନବାସ ପରେ ତାଙ୍କୁ ଫେରାଇ ଆଣିବା ଉଦ୍ଦେଶ୍ୟରେ ଭ୍ରାତା ଭରତ ଓ ଶତ୍ରୁଘ୍ନ ବନଯାତ୍ରା କରିଥିଲେ ଏବଂ ସେହି ସମୟରେ ସେମାନେ ଭରଦ୍ୱାଜ ଋଷିଙ୍କ ଆଶ୍ରମରେ ବିଶ୍ରାମ କରିଥିଲେ । ଏହି ସମୟରେ ମାୟା ବ୍ରାହ୍ମଣ ମାନଙ୍କ ଦ୍ୱାରା ପ୍ରସ୍ତୁତ 'ଛେନା କାକରା', 'ଛେନା ତାଗରା' ଓ 'ଛେନା ନାଡ଼ି' ନାମକ ମିଷ୍ଟାନ୍ନ ସେମାନଙ୍କୁ ଯୋଗାଇ ଦିଆଯାଇଥିଲା ।

ଶାରଳା ମହାଭାରତର ମଧ୍ୟପର୍ବରେ ବରୁଣାବନ୍ତରେ ମହାଯଜ୍ଞର ଆୟୋଜନ ପାଇଁ ଉପସ୍ଥିତ ଶ୍ରୀକୃଷ୍ଣଙ୍କୁ ମାତା କୁନ୍ତୀ ଛେନା ଓ ଛେନାଜାତ ଅନେକ ଖାଦ୍ୟ ପରଷିଥିବା ଉଲ୍ଲେଖ ରହିଛି । ଏକ ଉକ୍ତିରେ 'ଚକୁଳି ଛୁଞ୍ଚିପତର, ଛେନା ମନୋହର' ବୋଲି ଉଲ୍ଲେଖ ରହିଛି ।

ଅମ୍ବିକା ବିଳାସରେ ବରଯାତ୍ରୀ ଚର୍ଚ୍ଚା ପ୍ରସଙ୍ଗରେ ଛେନାଜାତ ଅନେକ ମିଷ୍ଟାନ୍ନ ଯଥା 'ରସପୁଳି', 'ରସକେଳି' ଓ 'ସରଛେନା' ଆଦିର ବର୍ଣ୍ଣନା ରହିଛି ।

ବଇଦେହୀଶ ଚନ୍ତାମଣୀରେ ରାଧା ଓ ସଖୀ ଚମ୍ପକଲତା ଓ ଶଶୀଲେଖାଙ୍କ ସହାୟତାରେ ଶ୍ରୀକୃଷ୍ଣଙ୍କ ସ୍ୱନକ୍ଷତ୍ର ପାଳନ ଅବସରରେ ଛେନା ଦ୍ୱାରା ପ୍ରସ୍ତୁତ ମିଷ୍ଟାନ୍ନ ପ୍ରସ୍ତୁତ କରିଥିବା କଥା ଉଲ୍ଲେଖ ରହିଛି ।

ଉପରୋକ୍ତ ସମସ୍ତ ପୁସ୍ତକ ବା ଗ୍ରନ୍ଥ ବଙ୍ଗାଳୀ ଲେଖକଙ୍କ ଦ୍ୱାରା ଉପସ୍ଥାପିତ (୧୮୬୮ ମସିହା) ଠାରୁ ଅନେକ ଶତାବ୍ଦୀ ପୁରୁଣା । ଏଠାରେ ସ୍ପଷ୍ଟ ଜଣାପଡ଼େ ଯେ ଛେନା ଓଡ଼ିଆ ଶବ୍ଦ ଏବଂ ଏହାର ବ୍ୟବହାର ଅନେକ ଶତାବ୍ଦୀରୁ ଓଡ଼ିଶାରେ ରହି ଆସିଛି ।

ପୁରୀ ଶ୍ରୀମନ୍ଦିରରେ ପ୍ରସ୍ତୁତ ହେଉଥିବା ଛପନଭୋଗରେ ଛେନା ଓ ଛେନାଦ୍ୱାରା ପ୍ରସ୍ତୁତ ଦ୍ରବ୍ୟମାନଙ୍କ ସଂଖ୍ୟା ଉଲ୍ଲେଖଯୋଗ୍ୟ । ଏହା ଅନ୍ୟୁନ ସାତ ଶହ ବର୍ଷ ପୁରୁଣା ପରମ୍ପରା । ଶ୍ରୀମନ୍ଦିରର ଇତିହାସକୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ ଛପନଭୋଗ ବ୍ୟବସ୍ଥା ତତ୍କାଳୀନ (୧୨୩୦ ଖ୍ରୀଷ୍ଟାବ୍ଦ) ଉତ୍କଳୀୟ ସମ୍ରାଟ ଅନଙ୍ଗଭୀମଦେବ ତୃତୀୟ କରିଥିଲେ ।

ବଙ୍ଗାଳୀ ଲେଖକ ଆହୁରି ମଧ୍ୟ ଦାବୀ କରିଛନ୍ତି ଯେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରମଭକ୍ତ ମହାପ୍ରଭୁ ଶ୍ରୀ ଚୈତନ୍ୟ (ମହାପ୍ରଭୁ ବୋଲି ଉଲ୍ଲେଖ କରି ସେ ଚୈତନ୍ୟଙ୍କୁ ଜଗନ୍ନାଥଙ୍କ ଠାରୁ ଅଧିକ ସମ୍ମାନର ପାତ୍ରକରିବାର ଚେଷ୍ଟା କରିଛନ୍ତି ।)ଙ୍କୁ ପୁରୀର ସମକାଳୀନ ରାଜା ପ୍ରତାପରୁଦ୍ର ଦେବ ନିଜର ଗୁରୁ ଭାବରେ ସ୍ୱୀକାର କରିଥିଲେ ଏବଂ ସେ ହିଁ ଚୈତନ୍ୟଙ୍କ ପ୍ରିୟ ଖାଦ୍ୟ ଛେନାକୁ ଜଗନ୍ନାଥଙ୍କ ଛପନଭୋଗରେ ଅନ୍ତର୍ଭୁକ୍ତ କରାଇଥିଲେ ।

ସେ ଯା ହେଉ ବଙ୍ଗଳାର ଏହି ଲେଖକ ରସଗୋଲ୍ଲାକୁ ନିଜର ବୋଲି ପ୍ରମାଣିତ କରିବାପାଇଁ ଅନେକ ଅବାନ୍ତର ଓ ଅଯୌକ୍ତିକ ତଥ୍ୟ ଉପସ୍ଥାପନ କରିଛନ୍ତି, ହୁଏତ ଏହାଦ୍ୱାରା

ସେ ଜନପ୍ରିୟତା ପାଇବା ଆଶା କରିଛନ୍ତି କିମ୍ବା ନିଜକୁ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ମହାନ ଜଗନ୍ନାଥ ସଂସ୍କୃତିକୁ ନ୍ୟୁନ ଭାବରେ ଦେଖାଇବାକୁ ପଛାଇ ନାହାନ୍ତି । ଆମେ କିନ୍ତୁ ଲେଖକଙ୍କ ଯୁକ୍ତିକୁ ସ୍ୱୀକାର କରିବୁ ନାହିଁ, କାରଣ ଯଦି ବଳରାମ ଦାସଙ୍କ ଦାଣ୍ଡୀ ରାମାୟଣକୁ ଆଧାର କରି ଆମେ ବିଶ୍ୱାସ କରୁ ଯେ ରସଗୋଲା ସମ୍ପୂର୍ଣ୍ଣ ଓଡ଼ିଆ ତେବେ ଆମେ ଜଣାଇ ଦେବାକୁ ଚାହୁଁ ଯେ ବଳରାମ ଦାସ ୩୨ ବର୍ଷ ବୟସରେ ଦାଣ୍ଡୀ ରାମାୟଣର ରଚନା ସମ୍ପୂର୍ଣ୍ଣ କରିଥିଲେ ଏବଂ ସେସମୟରେ ପୁରୀରେ ଗଜପତି ପୁରୁଷୋତ୍ତମ ଦେବ ଓ ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ ଥିଲା । ଶ୍ରୀ ଚୈତନ୍ୟ ଓଡ଼ିଶା ଆସିବା ବେଳକୁ ବଳରାମ ଦାସ ବୃଦ୍ଧାବସ୍ଥାରେ ପହଞ୍ଚି ସାରିଥିଲେ । ଦାଣ୍ଡୀ ରାମାୟଣ ଶ୍ରୀଚୈତନ୍ୟ ଆସିବାର ଅର୍ଦ୍ଧଶତାବ୍ଦୀ ପୂର୍ବର କୃତି ଏବଂ ବଙ୍ଗାଳୀମାନଙ୍କ ଦ୍ୱାରା ଉପସ୍ଥାପିତ ରସଗୋଲା ଜନ୍ମ ବର୍ଷ ୧୮୬୮ ଖ୍ରୀଷ୍ଟାବ୍ଦ ଠାରୁ ଅନ୍ୟୁନ ସାଢ଼େ ତିନିଶହ ବର୍ଷ ପୂର୍ବର କଥା ।

ତେଣୁ ଆମକୁ ଆଉ ପ୍ରମାଣ କରିବାକୁ ଆବଶ୍ୟକ ନାହିଁ ଯେ ରସଗୋଲା କେବଳ ଓଡ଼ିଶାର ଏବଂ ଛେନା ମଧ୍ୟ ଏକ ଓଡ଼ିଆ ଶବ୍ଦ । ଓଡ଼ିଶାର ଅନେକ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ଓ ବସ୍ତୁ ଉପରେ ନିଜର ଆଧିପତ୍ୟ ଦେଖାଇବାର ପରମ୍ପରା ବଙ୍ଗଳା ମାନସିକତାର ଅଂଶ ରହି ଆସିଛି, ଏବେ ସମୟ ଆସିଛି ଆମେ ଏହାର ଦୃଢ଼ ବିରୋଧ କରିବା ଏବଂ ଜଣାଇ ଦେବା ଯେ ଯେତେ ଯୁକ୍ତି କରିଲେ ସୁଦ୍ଧା ସତ୍ୟକୁ କେହି ଲୁଚେଇ ପାରିବେ ନାହିଁ ।

ଭୀମା ନଗର, ବ୍ରହ୍ମପୁର, ଓଡ଼ିଶା

**This Article is obtained from Odia website :**

**Odiaguru.com**

www.aahwaan.com

# ତୁମେ



ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ

ରଙ୍ଗ ବଦଳୁଥାଏ
ଏ ଆକାଶର ପ୍ରତିକୋଣରେ
କେବେ ନୀଳ ଓ କେବେ
ଲାଲ ରଙ୍ଗରେ
ତୁମେ କୁହ ତୁମ ପ୍ରତିଛବି
ସେଠାରେ କଣ ଦେଖିହୁଏ
ଆକାଶର ନାମ ହୃଦୟ ଏ
ତୁମେ କୁହ କେବେ
ବହୁଛି ନଦୀ କୁଳୁକୁଳୁ କରି
ତୁମ ସୁର ଓ ସ୍ମୃତିକୁ ଭସାଇ ନେଇ
ତୁମେ କୁହ କେମିତି ସେ
ଫେରନ୍ତା ନାହିଁ
ତୁମ ପାଇଁ ଏ ସାଉଁଟା ସ୍ମୃତିକୁ ନେଇ
ସ୍ମୃତିର ନାମ ନଦୀ ପୁଣି
ଝରଝର ଯାଏ ବହି
ଅଳସ ସନ୍ଧ୍ୟାରେ

ତୁମେ କୁହ ଏ କଣ

କାହାକୁ  ହୁଏ କହ

ତୁମେ କଣ ସନ୍ତରଣ ଜାଣିଛ

ଏ ମହାସାଗରରେ

ଯୁଗଯୁଗାନ୍ତରୁ ବୁଡ଼ିବାକୁ ଇଚ୍ଛାହୁଏ

ସନ୍ତରଣ କରବାକୁ ମନକରେ

ସେ ପୁଣି ପ୍ରଣୟ ପଥରେ

ତୁମର ପାଶରେ

ତୁମ ଫାଶରେ ବନ୍ଧା ହୋଇ

ମୁଁ ତ ଏଠାରୁ

ଆଉ ମୁକୁଳ ପାରୁନାହିଁ

ତୁମେ କେବେ ନଦୀ ପର

କେବେ ବରଫ ସଦୃଶ ସ୍ଥିର

ବରଷ୍ଠ ସ୍ତ୍ରୀ ଓ ପ୍ରସୂତୀ ରୋଗ ବଶେଷଜ୍ଞା

ବ୍ରହ୍ମପୁର

# ଅଭିନନ୍ଦନ




ନାରୀକବ ଶ୍ରୀମତ ଜୟନ୍ତୀ ବେହେରାଙ୍କ
କବତା ସଂକଳନ ପ୍ରିୟ, ପ୍ରିୟତମ ପ୍ରିୟତମା
ବଗତ ୧୭ ତାରଖରେ ବ୍ରହ୍ମପୁର ସ୍ଥିତ
ଗଞ୍ଜାମ କଳା ପରଷଦ ପ୍ରାଙ୍ଗଣରେ
ଅନେକ ବୟୋଜ୍ୟୋଷ୍ଠ ଏବଂ ସମ୍ମାନତ
ଅତଥିଙ୍କ ଉପସ୍ଥିତରେ ଲୋକାର୍ପିତ
ହୋଇଯାଇଛ । ଏଥିପାଇଁ କବଙ୍କୁ ଆହ୍ୱାନ
ଓଡ଼ିଆ ପରବାର ଏବଂ ଆହ୍ୱାନ ଇ-
ପତ୍ରକା ତରଫରୁ ହାର୍ଦ୍ଦିକ ଅଭନନ୍ଦନ ।

ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ

ପ୍ରତଷ୍ଠାତା - ସମ୍ପାଦକ



ଆହ୍ୱାନର ଆଗାମୀ ସଂସ୍କରଣ ଜୁଲାଇ ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

**aahwaan@gmail.com**

ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବିମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଫୋନ : ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟିକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇ ପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନ୍ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧି କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ

ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୭୩ / ୯୮୬୧୯୭୨୧୬୦

ଯଦି ଆପଣ ଇଣ୍ଟର୍ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ୍ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍ସ୍ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

**ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ**

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ, ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।